ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୬ ଜୁନ୍, ୨୦୨୧



## ପ୍ରତାରଣା କରି ଯୁବକ ଗିରଫ

**ଝାରସୁଗୁଡ଼ା ଅଫିସ:** ବନହରପାଲି ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ଜଣେ ଯୁବକ ପ୍ରତାରଣା କରି ଗିରଫ ହୋଇଛନ୍ତି। ସେ ହେଲେ ବ୍ରଜରାଜନଗର ଥାନା କୁଦପାଲି ଗ୍ରାମର ସୁରେଶ କିଷାନ(୩୦)। ପୀଡିତାଙ୍କ ଅଭିଯୋଗକୁ ନେଇ ପୋଲିସ୍ ଏକ ମାମଲା (ନଂ୮୬/୨୧) ରୁଜୁକରି ତଦନ୍ତ ଚଳାଇଛି । ଉଭୟଙ୍କୁ ପୋଲିସ ଡାକ୍ତରୀ ମାଇନା କରିଛି। ଶନିବାର ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଆଇଆଇସି ରଶ୍ମିତା ବେହେରା କହିଛନ୍ତି। ଯୁବକ ଜଣଙ୍କ ଯୁବତୀଙ୍କୁ ଦୀର୍ଘଦିନ ହେଲା ପ୍ରେମକରି ବିବାହ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରେ ଅନ୍ୟତ୍ର ବିବାହ ପାଇଁ ନିଷ୍ପତ୍ତି ନେଇଥିଲେ। ଏ ନେଇ ଯୁବତୀ ପୋଲିସ୍‌ରେ ଲିଖିତ ଅଭିଯୋଗ କରିଥିଲେ ।

## ସଂକ୍ଷେପରେ

### ରାଜନ ଆତ୍ମହତ୍ୟା ଘଟଣା: ମାନବାଧିକାର କମିଶନରେ ମାମଲା

**ସମ୍ବଲପୁର,୨୫।୬(ବ୍ୟୁରୋ):** ସମ୍ବଲପୁର ଜିଲା ହୀରାକୁଦ ଥାନା ମହମ୍ମଦପୁର ଗ୍ରାମର ରାଜନ ପୋଢ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ପରିବାର ବର୍ଗ ମୋବାଇଲ ମେସେଜରୁ ମାନସିକ ଚାପ ଯୋଗୁ ସେ ଆତ୍ମହତ୍ୟା କରିଥିବା ଜାଣିପାରି ଥାନାରେ ଅଭିଯୋଗ କରିଥିଲେ। ଘଟଣାକୁ ପ୍ରାୟ ଦେଢବର୍ଷ ବିତିଯାଇଥିଲେ ପୋଲିସ ଅଭିଯୋଗର ରହସ୍ୟ ଉନ୍ମୋଚନ କରିପାରି ନାହିଁ। ଏ ନେଇ ପରିବାର ମୁଖ୍ୟ ମିତ୍ରଭାନୁ ପୋଢ ରାଜ୍ୟ ମାନବାଧିକାର କମିଶନ ପାଖରେ ଅଭିଯୋଗ କରିବା ପରେ ଏ ନେଇ ୧୩୩୭/୨୧ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ ମିତ୍ରଭାନୁ ଅଭିଯୋଗ କରିଛନ୍ତି ତଦନ୍ତ ସମ୍ପର୍କରେ ଥାନାକୁ ପଚାରିବାକୁ ଗଲେ ତାଙ୍କୁ ଦୁର୍ବ୍ୟବହାର କରାଯାଉଛି। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ଏହି ମାମଲାରେ କ’ଣ ସ୍ଥିତି ରହିଛି ସେ ବ୍ୟକ୍ତିଗତ ଭାବେ ନିରୀକ୍ଷଣ କରିବେ ବୋଲି କହିଥିଲେ।

### ରେଳବାଇ ନିରାପତ୍ତା ଆୟୁକ୍ତଙ୍କ କାର୍ଯ୍ୟ ନିରୀକ୍ଷଣ

**ସମ୍ବଲପୁର,୨୫।୬ (ବ୍ୟୁରୋ):** ଦକ୍ଷିଣପୂର୍ବ ସର୍କଲ ରେଳବାଇ ନିରାପତ୍ତା ଆୟୁକ୍ତ ଏସ୍ ମିତ୍ର ଶୁକ୍ରବାର ସମ୍ବଲପୁର ରେଳ ମଣ୍ଡଳ ଅନ୍ତର୍ଗତ ବଲାଙ୍ଗୀର-ବିଛାପାଲି ସେକ୍ସନ୍ ମଧରେ ବିଦ୍ୟୁତୀକରଣ କାର୍ଯ୍ୟ ନିରୀକ୍ଷଣ କରିଛନ୍ତି। ଏହି ସମୟରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ପୂର୍ବତଟ ରେଳପଥର ପ୍ରମୁଖ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ ବାସୁଦେବ ପଣ୍ଡା, ମୁଖ୍ୟ ପ୍ରଶାସନିକ ଅଧିକାରୀ ଡିପି ଲାଲଙ୍କ ସମେତ ପୂର୍ବତଟ ରେଳପଥ ମୁଖ୍ୟାଳୟ ଓ ସମ୍ବଲପୁର ମଣ୍ଡଳର ଅଧିକାରୀମାନେ ଉପସ୍ଥିତ ଥିଲେ।

### ପବ୍ଲିକ ଲାଇବ୍ରେରି ସଦସ୍ୟଙ୍କ ପରଲୋକ

**ସମ୍ବଲପୁର,୨୫।୬ (ବ୍ୟୁରୋ):** ସମ୍ବଲପୁର ପବ୍ଲିକ ଲାଇବ୍ରେରିର ଆଜୀବନ ସଦସ୍ୟ ବାସୁଦେବ ପଣ୍ଡାଙ୍କ ପରଲୋକରେ ଶୁକ୍ରବାର ଶୋକ ପ୍ରକାଶ କରାଯାଇଛି। ଅନୁଷ୍ଠାନ ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଶୋକସଭା ହୋଇଥିଲା। ଏଥିରେ ସଭ୍ୟ ସଚିବ ରଘୁନାଥ ମିଶ୍ରଙ୍କ ସମେତ କର୍ମକର୍ତ୍ତା ଯୋଗଦେଇଥିଲେ।

### ସାପ କାମୁଡାରେ ନାବାଳିକାଙ୍କ ମୃତ୍ୟୁ

**ବେଦବ୍ୟାସ,୨୫।୬ (ଡି.ଏନ.ଏ):** ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଫାଣ୍ଡିର ପୁଟିଦରହ ଗ୍ରାମରେ ଗୁରୁବାର ରାତ୍ର ପ୍ରାୟ ୧୦ଟା ବେଳେ ଏକ ବିଷଧର ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସୁନିତୀ ଟପ୍ପୋ (୧୬)। ଖାଇସାରି ଶୋଇଥିବାବେଳେ ବିଷଧର ସାପ କାମୁଡିଥିଲା । ଏନେଇ ସେ ଚିତ୍କାର କରିବାରୁ ଘରର ଅନ୍ୟ ସଦସ୍ୟମାନେ ଉଠିଥିଲେ । ଅନ୍ଧ ବିଶ୍ୱାସର ବଶିଭୂତ ହୋଇ ଗୁଣିଗାରେଡି ବ୍ୟବସ୍ଥାକୁ ଆଦରିଥିଲେ। ଫଳରେ ସୁନିତୀ ଅଧିକ ଗୁରୁତର ହୋଇଯାଇଥିଲେ। ଶେଷରେ ରାଉରକେଲା ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଠିକାସଂସ୍ଥାରେ ନିଯୁକ୍ତି ନେଇ ଶ୍ରମିକଙ୍କ ଆନ୍ଦୋଳନ

**ଝାରସୁଗୁଡ଼ା ଅଫିସ,୨୫।୬**

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧୀନ ଲଖନପୁର ଖୋଲାମୁହଁ କୋଇଲା ଖଣିରେ କୋଇଲା ଉତ୍ତୋଳନ ପାଇଁ ଶାହା କୋଲ୍ ଲିମିଟେଡ୍ (ଏସ୍‌ସିଏଲ୍) ନାମକ ଠିକାସଂସ୍ଥା ନିୟୋଜିତ ହୋଇଛି। ପୂର୍ବରୁ ନିୟୋଜିତ ଭିଏଫ୍‌ପିଏଲ୍ ଠିକା ସଂସ୍ଥାର କାମ ଶେଷ ହୋଇଯାଇଥିବା ବେଳେ ନୂତନ ଏସ୍‌ସିଏଲ୍ ଠିକା ସଂସ୍ଥାରେ ପୁନଃ ନିଯୁକ୍ତି ଦାବିରେ ଠିକା ଶ୍ରମିକମାନେ ଆନ୍ଦୋଳନ ଚଳାଇଛନ୍ତି। ଠିକା ଶ୍ରମିକମାନେ ଖଣି ପରିସରସ୍ଥିତ ଠିକା ସଂସ୍ଥା କ୍ୟାମ୍ପ ସମ୍ମୁଖରେ ଗତ ସୋମବାରଠାରୁ ଧାରଣାରେ ବସିରହିଛନ୍ତି।

ଠିକା ସଂସ୍ଥା ହାଇୱା ଓ ଜେସିବି ଲଗାଇ କାମ ଆରମ୍ଭ କରିବା ପାଇଁ ଉଦ୍ୟମ କରୁଥିବାବେଳେ ଆନ୍ଦୋଳନକାରୀ



କୋଇଲା ଖଣି ପରିସରରେ ଠିକା ଶ୍ରମିକଙ୍କ ଆନ୍ଦୋଳନ।

ମେଶିନ ସମ୍ମୁଖରେ ଶୋଇ ବିରୋଧ କରିଥିଲେ। ଫଳରେ ଠିକା ସଂସ୍ଥା ସପକ୍ଷବାଦୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଆନ୍ଦୋଳନକାରୀଙ୍କ ବିରୋଧ ପରେ ଠିକା ସଂସ୍ଥା ସପକ୍ଷବାଦୀ ଧାରଣା ସ୍ଥଳରୁ ଚାଲିଯାଇଥିଲେ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳକାରୀ ଜିଦ୍‌ରେ ଅଟଳ ରହିଛନ୍ତି। ଏ ନେଇ ଲଖନପୁର କୋଇଲା ଖଣି ପ୍ରକଳ୍ପ କାର୍ଯ୍ୟାଳୟରେ ଶୁକ୍ରବାର ଏକ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା । ଏଥିରେ ଏମ୍‌ସିଏଲ୍ ପ୍ରକଳ୍ପ ଅଧିକାରୀ ବୀରେନ୍ଦ୍ର ସିଂହ, ଶାହା କୋଲ୍ ଠିକା ସଂସ୍ଥାର ମ୍ୟାନେଜର ମୁନା ସିଂହ, ଆନ୍ଦୋଳନକାରୀଙ୍କ ତରଫରୁ ଶ୍ରମିକ ନେତା ରମେଶ ତ୍ରିପାଠୀ, ସରୋଜ ମାଝି, ବୃନ୍ଦଦେବ ଭୋଇ, ନଜିର ଖାନ୍,

**ତ୍ରିପାକ୍ଷିକ ଆଲୋଚନା ବିଫଳ, ଖଣି କାର୍ଯ୍ୟ ବାଧାପ୍ରାପ୍ତ**

ନରୋତ୍ତମ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ସୂଚନାଯୋଗ୍ୟ ପୂର୍ବରୁ ଭିଏଫ୍‌ପିଏଲ୍ ନାମକ ଠିକା ସଂସ୍ଥା କାର୍ଯ୍ୟ କରୁଥିଲା। ଏହି ସଂସ୍ଥାର ଟେଣ୍ଡର ଗତ ଫେବୃୟାରୀରେ ଶେଷ ହୋଇଯିବା ଫଳରେ ଏଥିରେ କାର୍ଯ୍ୟରତ ଶ୍ରମିକମାନେ କାମ ହରାଇଥିଲେ। ସେ ସମୟରେ ଶ୍ରମିକମାନେ ପୁନଃନିଯୁକ୍ତି ଦାବିରେ ଆନ୍ଦୋଳନ କରିଥିଲେ। ଆଲୋଚନା ପରେ ଶ୍ରମିକମାନଙ୍କୁ ନୂତନ ଠିକା ସଂସ୍ଥାରେ ପୁନଃନିଯୁକ୍ତି ଦିଆଯିବା ପାଇଁ ଏକ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଓ ନୂତନ ଠିକା ସଂସ୍ଥା ଏବେ ମାନୁ ନାହାନ୍ତି। ଫଳରେ ସମସ୍ୟା ସୃଷ୍ଟି ହୋଇଛି।

## ମାଟ୍ରିକ ପାସ୍ ହାର: ସମ୍ବଲପୁରରେ ୯୬.୨୪%, ଝାରସୁଗୁଡ଼ାରେ ୯୮.୩୦%

**ସମ୍ବଲପୁର(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ,୨୫।୬**

ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶିତ ହୋଇଛି। ସମ୍ବଲପୁର ଜିଲାରେ ପାସ୍‌ହାର ୯୬.୨୪% ରହିଛି। ମୋଟ ୧୩,୫୩୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୧୩୦୨୫ ଜଣ ପାସ୍ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ଜଣ ଏ-୧ ଗ୍ରେଡ୍ ଓ ଏ-୨ରେ ୩୧୯ ଜଣ ପାସ୍ କରିଛନ୍ତି। ସର୍ବାଧିକ ୫୬୦ ନମ୍ବର ରଖି ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତୁଳସୀ ପଣ୍ଡା ଓ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରାମି ବେହେରା ପାସ୍ କରିଛନ୍ତି।

ସେହିପରି ଝାରସୁଗୁଡ଼ା ଜିଲାରେ ପାସ୍‌ହାର ୯୮.୩୦% ରହିଛି। ଏ-୧ ଗ୍ରେଡ୍‌ରେ ୧୫,ଏ-୨ରେ ୨୫୮, ବି-୧ରେ ୬୭୬, ବି-୨ରେ ୧୧୬୬, ସି ଗ୍ରେଡରେ ୧୬୫୧, ଡି ଗ୍ରେଡ୍ ୧୫୫୮, ଇ ଗ୍ରେଡ୍ ୧୫୯୫ ଓ ଏଫ୍ ଗ୍ରେଡ୍‌ରେ ୮୦ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲାରେ ୬୯୯୯ ଜଣ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୬୯୧୯ଜଣ ପାସ୍ କରିଛନ୍ତି।

## ଟାଙ୍ଗିଆରେ ହାଣି ହତ୍ୟା, ଅଭିଯୁକ୍ତ ଗିରଫ

**ଝାରସୁଗୁଡ଼ା ଅଫିସ,୨୫।୬:** ଝାରସୁଗୁଡା ଜିଲା ସଦର ଥାନା ଲହଣ୍ଡାବୁଡ ଗ୍ରାମରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଟାଙ୍ଗିଆ ଚୋଟରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଫୁଲ୍ଲ ଆଡେ (୪୭)। ଖବରପାଇ ଏସ୍‌ଡିପିଓ ନିର୍ମଳ ମହାପାତ୍ର ଓ ଆଇଆଇସି ସୁଚିସ୍ମିତା ମହାନ୍ତି ପହଞ୍ଚି ମୃତଦେହ ଜବତ କରିଛନ୍ତି। ଏ ନେଇ ପୋଲିସ ହତ୍ୟା ମାମଲା (ନଂ୧୦୫/୨୧) ରୁଜୁ କରିଛି । ଏଥିରେ ସମ୍ପୃକ୍ତ ଗଣେଶ ମାଝି(୪୫)ଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ଟାଙ୍ଗିଆ ଜବତ କରିଛି।

## ଏସ୍‌ଏମ୍‌ସି କମିଶନରଙ୍କ ଧନୁପାଲି ଅଞ୍ଚଳ ପରିଦର୍ଶନ



ଏସ୍‌ଏମ୍‌ସି କମିଶନର ଧନୁପାଲି ନାଗରିକ ସମନ୍ୱୟ କମିଟି ସହ ଆଲୋଚନା କରୁଛନ୍ତି।

**ସମ୍ବଲପୁର,୨୫।୬ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ଅନ୍ତର୍ଗତ ଧନୁପାଲି, ଗୋବିନ୍ଦତୋଲା, ଭତରା ଓ ପୁଟିବନ୍ଧ ଅଞ୍ଚଳରେ ବହୁବିଧ ସମସ୍ୟା ଲାଗି ରହିଛି। ଏହାର ସମାଧାନ ପାଇଁ ଧନୁପାଲି ନାଗରିକ ସମନ୍ୱୟ କମିଟି ସଦସ୍ୟ ମହାନଗର ନିଗମ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ ଅଞ୍ଚଳ ପରିଦର୍ଶନ କରି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ସମନ୍ୱୟ କମିଟି କର୍ମକର୍ତ୍ତା ତାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କମିଟି ଆବାହକ ରାଜେନ୍ଦ୍ର ପଣ୍ଡା, ଦାମୋଦର କର, ରବିନାରାୟଣ ନାୟକ, କୃଷ୍ଣ ଚନ୍ଦ୍ର ସୋନାର, ଆଦିତ୍ୟ ପାଢ଼ି, ଦୀପକ ପଣ୍ଡା, ରଞ୍ଜିତ ରଥ, ଶ୍ୱେତ ପଣ୍ଡା ପ୍ରମୁଖ କମିଶନର ଓ ଯନ୍ତ୍ରୀ ଇନ୍ଦ୍ରମଣୀ ସାହୁଙ୍କ ସହ ଆଲୋଚନା କରିଛନ୍ତି।

## ଏନ୍‌ଏସ୍‌ସିବି କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

**ସମ୍ବଲପୁର,୨୫।୬(ବ୍ୟୁରୋ)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜର ଭାରପ୍ରାପ୍ତ ଅଧକ୍ଷ ଭାବେ ଡ. ଶ୍ୟାମ ଭୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ କଲେଜ ଅଧାପିକା, ଅଧାପକ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ସେ ଗଞ୍ଜାମ ଜିଲା ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ସରକାରୀ କଲେଜରେ ଅଧାପନା ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ସ୍ୱୟଂଶାସିତ ମହାବିଦ୍ୟାଳୟ, ରାୟଗଡ଼ାର ସରକାରୀ ମଡେଲ ଡିଗ୍ରୀ ମହାବିଦ୍ୟାଳୟରେ ଅଧାପନା କରିଥିଲେ। ସଂପ୍ରତି ସେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟର ସହକାରୀ ପ୍ରଫେସର ତଥା ଓଡ଼ିଆ ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଥିଲେ।

## ଜେଲ ଗଲେ ମାନବାଧିକାର କର୍ମୀ

**ଝାରସୁଗୁଡ଼ା ଅଫିସ,୨୫।୬**

ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର ଅଭିଯୋଗରେ ଟାଉନ ଥାନା ପୋଲିସ ଜଣେ ମାନବାଧିକାର କର୍ମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସତ୍ୟନାରାୟଣ ରାଓ। ପୌର ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝିଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ୩୧୨/୨୧) ରୁଜୁକରି ତଦନ୍ତ ଚଳାଇଛି। ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଜାମିନ ଆବେଦନ ଖାରଜ ପରେ ରାଓଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ରାଓଙ୍କ ଓକିଲ ଦୀନେଶ ଜୈନ କହିଛନ୍ତି, ରାଓ ଜଣେ ସାମାଜିକ କର୍ମୀ। ତାଙ୍କ ବିରୋଧରେ ପୋଲିସ ଯେଉଁସବୁ ଦଫା ଲଗାଇଛି ସୁପ୍ରିମକୋର୍ଟଙ୍କ ନିୟମ ଅନୁଯାୟୀ ତାହା ବେଲେବଲ୍। ହେଲେ ତାଙ୍କୁ ଜାମିନ ଦିଆ ନ ଯାଇ ସୁପ୍ରିମକୋର୍ଟଙ୍କ



ସତ୍ୟନାରାୟଣ ରାଓ।

ନିୟମ ଉଲ୍ଲଂଘନ କରାଯାଇଛି। ଜିଲା କଂଗ୍ରେସ ଉପସଭାପତି ସୀୟାରାମ ଦାସ କହନ୍ତି, ମାନବାଧିକାର କର୍ମୀ ରାଓ ଦୁର୍ନୀତି ବିରୋଧରେ ଲଢେଇ କରିଆସିଛନ୍ତି। ଏଥିରେ ଜିଲା ପ୍ରଶାସନ ଓ କେତେଜଣ ଜନପ୍ରତିନିଧି ଅଡୁଆରେ ପଡୁଛନ୍ତି। ଏଥିରୁ ବର୍ତ୍ତିବା ପାଇଁ ତାଙ୍କ ବିରୋଧରେ ଏହା ଏକ ଷଡଯନ୍ତ୍ର। ଏହାକୁ ଜିଲା କଂଗ୍ରେସ କମିଟି ନିନ୍ଦା କରୁଛି। ଭାଜପା ଜିଲା ସଭାପତି ମଙ୍ଗଳ ସାହୁ କହିଛନ୍ତି,

**ଗିରଫଦାରିକୁ ବିଭିନ୍ନ ମହଲରେ ନିନ୍ଦା**

ଜଣେ ଆର୍‌ଟିଆଇ କର୍ମୀ ସବୁବେଳେ ଠିକ୍ ତଥ୍ୟ ଜାଣିବା ପାଇଁ ଚାହିଁଥାଏ। ଏଥିପାଇଁ ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରିବା ନିନ୍ଦନୀୟ ଘଟଣା। ସୂଚନାଯୋଗ୍ୟ ମାନବାଧିକାର କର୍ମୀ ରାଓ ଭତ୍ତା ଓ ରାଶନ କାର୍ଡ ସମ୍ପର୍କରେ କେତେକ ତଥ୍ୟ ଜାଣିବା ପାଇଁ ଝାରସୁଗୁଡ଼ା ପୌର ପରିଷଦକୁ ଆର୍‌ଟିଆଇରେ ମାଗିଥିଲେ। ଏ ନେଇ ଟଙ୍କା ଜମା କରିବାକୁ କୁହାଯାଇଲା । ଏହାକୁ ନେଇ ରାଓ ଗୁରବାର ପୌର କାର୍ଯ୍ୟାଳୟକୁ ଯାଇ ନିର୍ବାହୀ ଅଧିକାରୀ ମାଝି ଓ ଅଧିକାରୀ ଦୀପକ ନାୟକଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ସେ କୁଆଡେ ଅଧିକାରୀମାନଙ୍କୁ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିଥିଲେ ବୋଲି ପୋଲିସରେ ଅଭିଯୋଗ ହୋଇଛି।

## କୁତ୍ରା ଅଞ୍ଚଳରେ ହାତୀ ଉପଦ୍ରବ: ଲୋକେ ଆତଙ୍କିତ

**କୁତ୍ରା, ୨୫।୬ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ବ୍ଲକରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଫଳରେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡିକରେ ଲୋକ ଭୟଭୀତ ଅବସ୍ଥାରେ ରହିଛନ୍ତି। ଗୁରୁବାର ନୂଆଗାଁ ମହତପଡା ଗ୍ରାମରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଉତ୍ପାତ ଚଳାଇଥିବା ୨ଟି ଦନ୍ତା ହାତୀ ଗୁରୁବାର ରାତିରେ ନୂଆଗାଁ ମହତପଡା ଗ୍ରାମରେ ପଶି ଗ୍ରାମର ଯୋଗେଶ୍ୱର ସିଂ ଓ ରାଜେନ କୁଜୁରଙ୍କ ଘର ନିକଟରେ ଥିବା ପଣସ ଗଛରୁ ପଣସ ଖାଇ ଦଳି ମକଚି ନଷ୍ଟ କରି ଦେଇଛନ୍ତି। ତାପରେ ଲୋକେ ହାତୀକୁ ଘଉଡେଇବାରୁ ହାତୀ ଦୁଇଟି ନୂଆଗାଁ ଜଙ୍ଗଲକୁ ଚାଲିଯାଇଛନ୍ତି। ହାତୀ ଲୋକଙ୍କୁ ଦେଖିଲେ ମାଡି ଆସୁଥିବାରୁ ହାତୀ ଘଉଡେଇବା ସମୟରେ ଲୋକେ ଭୟଭୀତ ହେଉଛନ୍ତି। ବନ ବିଭାଗ କର୍ମଚାରୀ ଏଥିପ୍ରତି ନଜର ରଖିବା ପାଇଁ ସାଧାରଣରେ ଦାବି ହେଉଛି। ଶୁକ୍ରବାର ଦନ୍ତା ଦ୍ୱୟ ନୂଆଗାଁ ଜଙ୍ଗଲରେ ଥିବା ଜଣାପଡିଛି। ସୂଚନାଯୋଗ୍ୟ ଗତ ୨୨ ତାରିଖ ବ୍ଲକର ପଞ୍ଜରା ଓ କଟଙ୍ଗଝରିଆ ଗ୍ରାମରେ ଦନ୍ତା ହାତୀ ପଶି ଲୋକଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇବା ସହିତ ନଷ୍ଟ କରିଥିଲେ।

## ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣିଲେ ସ୍ତ୍ରୀ

**କୁଆଁରମୁଣ୍ଡା,୨୫।୬(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ତଲସେରା ଅଞ୍ଚଳରେ ଶୁକ୍ରବାର ସକାଳୁ ଏକ ଅଭାବନୀୟ ଘଟଣା ପଦାକୁ ଆସିଛି। ସ୍ୱାମୀ ଶ୍ୟାମସୁନ୍ଦର ସାହୁ(୩୫)ଙ୍କ ପରକ୍ରିୟା ପ୍ରୀତିରେ ଅତିଷ୍ଠ ହୋଇ ଗୁରୁବାର ବିଳମ୍ବିତ ରାତିରେ ସ୍ୱାମୀ ଓ ତାଙ୍କ ପ୍ରେମିକା ଶୋଇଥିବା ଅବସ୍ଥାରେ ସ୍ତ୍ରୀ ଅନିତା (୩୫) ଟାଙ୍ଗିଆରେ ସ୍ୱାମୀଙ୍କ ମୁଣ୍ଡକୁ ୨ରୁ ୩ଥର ଚୋଟ ମାରିଛନ୍ତି। ଫଳରେ ଶ୍ୟାମସୁନ୍ଦରଙ୍କ ମୁଣ୍ଡରୁ ପ୍ରବଳ ରକ୍ତସ୍ରାବ ହେବାରୁ ସେ ଘଟଣାସ୍ଥଳରେ ଗୁରୁତର ହୋଇପଡିଥିଲେ। ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଛି। ପୋଲିସ ରକ୍ତଭିଜା ଟାଙ୍ଗିଆକୁ ଜବତ କରିବା ସହ ସ୍ତ୍ରୀ ଅନିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବରିଷ୍ଠ ଶିକ୍ଷାବିତ୍‌ଙ୍କ ପରଲୋକ

**ବଡ଼ଗାଁ,୨୫।୬ (ଡି.ଏନ.ଏ)**



ବଡଗାଁର ବରିଷ୍ଠ ଶିକ୍ଷାବିତ ନିତ୍ୟାନନ୍ଦ ମିଶ୍ର (୮୬)ଙ୍କ ଶୁକ୍ରବାର ପୂର୍ବାହ୍ନରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଛି । ୨ ସପ୍ତାହ ପୂର୍ବେ ଉଚ୍ଚ ରକ୍ତଚାପ ଯୋଗୁ ମସ୍ତିସ୍କରେ ରକ୍ତ ଜମାଟ ବାନ୍ଧିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ମେଡିକାଲକୁ ନିଆଯାଇଥିଲା। ସେ ରେଭେନ୍ସା କଲେଜରେ ଏମଏ ଡିଗ୍ରୀ ହାସଲ କରିଥିଲେ। ବଡଗାଁର ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟରେ ସାମିଲ ହେଉଥିଲେ । ଗୁରୁବାର ୮୬ ତମ ଜନ୍ମ ଦିବସ ଥିଲା ।

## ଜିଲା ପ୍ରଶାସନ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ ସୂଚନା ନାହିଁ

**ଦେବଗଡ଼,୨୫।୬(ଡି.ଏନ.ଏ)**

ଦେବଗଡ଼ ଜିଲାରେ ଓଡ଼ିଶାର ପ୍ରଥମ ‘ଡେଲଟା ପ୍ଲସ’ ଆକ୍ରାନ୍ତ ଚିହ୍ନଟ ହୋଇଥିବା ଖବର ପରିବେଷଣ ହେବା ପରେ ଜିଲାବାସୀଙ୍କ ମଧରେ ଏନେଇ ଆଲୋଡନ ସୃଷ୍ଟି ହୋଇଛି। ସେହିପରି ଚିହ୍ନଟ ‘ଡେଲଟା ପ୍ଲସ’ସଂକ୍ରମିତ ଜଣକ କିଏ ଏବଂ ସେ ଜିଲାର କେଉଁ ଅଞ୍ଚଳର ବୋଲି ଜିଲାବାସୀଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠୁଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଏନେଇ କୌଣସି ସୂଚନା ନ ଥିବା ଦେବଗଡ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧାୟ ପ୍ରକାଶ

**‘ଡେଲ୍‌ଟା ପ୍ଲସ’ ସଂକ୍ରମିତ ଚିହ୍ନଟ ହେବା ଘଟଣା**

କରିଛନ୍ତି। ସେହିପରି ଜିଲାପାଳ ସୁଧାଂଶୁ ମୋହନ ସାମଲ ମଧ ଏନେଇ ପ୍ରଶାସନ ନିକଟରେ ସବିଶେଷ ସୂଚନା ନ ଥିବା ଏବଂ ସବିଶେଷ ସୂଚନା ମିଳିଲେ ଜଣାଇ ଦିଆଯିବ ବୋଲି ଗଣମାଧମ ସମ୍ମୁଖରେ ପ୍ରକାଶ କରିଛନ୍ତି। ଫଳରେ ପ୍ରକୃତରେ ଦେବଗଡ ଜିଲାରୁ କେହି ‘ଡେଲ୍‌ଟା ପ୍ଲସ’ସଂକ୍ରମିତ ଚିହ୍ନଟ ହୋଇଛନ୍ତି ନା ଜିଲା କିମ୍ବା ରାଜ୍ୟ ବାହାରରେ ଚିହ୍ନଟ ହୋଇଥିବା କୌଣସି ବ୍ୟକ୍ତି ଦେବଗଡ ଜିଲାର ସେନେଇ ଲୋକଙ୍କ ମଧରେ ଦ୍ୱନ୍ଦ ସୃଷ୍ଟି ହୋଇଛି।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲା ଭାକ୍ସିନ୍ ଷ୍ଟୋରର ଉଦ୍‌ଘାଟନ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ।

**ଦେବଗଡ,୨୫।୬(ଡି.ଏନ.ଏ)**

ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ତରଳ ମେଡିକାଲ ଅକ୍ସିଜେନସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥାର ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯିବା ସହ ଜିଲା ଭ୍ୟାକ୍ସିନ୍ ଷ୍ଟୋରର ଶୁଭ ଉଦ୍‌ଘାଟନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନଲାଇନ ଯୋଗେ ଉଭୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମଠାରେ ଆୟୋଜିତ ଏହି ଅନଲାଇନ ଉଦଘାଟନୀ ଉତ୍ସବରେ ମହିଳା, ଶିଶୁ ବିକାଶ ଓ

**ଅକ୍ସିଜେନ ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ**

ମିଶନ ଶକ୍ତି ବିଭାଗ ମନ୍ତ୍ରୀ ଟୁକୁନୀ ସାହୁ, ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ପରିଚାଳକ ଉମେଶ ପ୍ରସାଦ ଷଡଙ୍ଗୀ, ଜିଲା ଟିବି ଅଧିକାରୀ ପ୍ରଭାତ କୁମାର ଓଝା, ଅତିରିକ୍ତ ଏସ୍‌ପି. ରବି ନାରାୟଣ ସି ପ୍ରମୁଖ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼ରେ ପାସ୍ ହାର ୯୮.୪୦%, ଦେବଗଡ଼ରେ ୯୮.୧୨%

**ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ**

**ସୁନ୍ଦରଗଡ଼/ଦେବଗଡ଼, ୨୫।୬ (ଡି.ଏନ,ଏ)**

ଚଳିତବର୍ଷ ବିନା ପରୀକ୍ଷାରେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସୁନ୍ଦରଗଡ ଜିଲାର ପାସ ହାର ୯୮.୪୦ ଓ ଦେବଗଡ ଜିଲାର ପାସ ହାର ୯୮.୧୨ ରହିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଏ-୧ ରେ ୫୦, ଏ-୨ରେ ୫୦୬, ବି-୧ରେ ୧୭୧୩, ବି-୨ରେ ୪୦୨୩, ସିରେ ୬୩୦୭, ଡି ରେ ୮୨୩୨, ଇରେ ୩୬୨୩ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୧୭୦ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ଦେବଗଡ଼ ଜିଲାରେ ୩୪ ଜଣ ଏ-୧, ୩୨୯ ଏ-୨, ୬୦୯ ବି-୧, ୧୦୨୩ ବି-୨, ୧୨୮୩ ସି, ୯୫୫ ଡି ଓ ୬୭୯ ଇଗ୍ରେଡ, ୪୬ ଜଣ ଏଫ୍ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି। ପରୀକ୍ଷାଫଳ ନେଇ ଅଭିଭାବକ, ଶିକ୍ଷାବିତ, ଛାତ୍ରୀଙ୍କ ମତାମତକୁ ନେଇ ଉପସ୍ଥାପନା।

### ଆଡ୍‌ମିଶନରେ ଯେପରି ବାଧକ ସୃଷ୍ଟି ନ କରିବ ଦୃଷ୍ଟି ଦେବା ଉଚିତ



“ କରୋନା ମହାମାରୀକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ପ୍ରକାଶିତ ମାଟ୍ରିକ ପରୀକ୍ଷା ଫଳ ସ୍ୱାଗତଯୋଗ୍ୟ। କାରଣ ଛାତ୍ରୀଛାତ୍ରଙ୍କ ଜୀବନ ସୁରକ୍ଷା ପ୍ରଥମ । ତା’ପରେ ଶିକ୍ଷା ବା ପରୀକ୍ଷା। ଅବଶ୍ୟ କେତେଜଣ ଛାତ୍ରୀଛାତ୍ରଙ୍କ ପାଇଁ ଖୁସିର ଖବର ହୋଇଥିବାବେଳେ କେତେଜଣଙ୍କ ପାଇଁ ମାର୍କକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଫଳାଫଳ ଉଚ୍ଚ ଶ୍ରେଣୀର ଆଡ୍‌ମିଶନରେ ଯେପରି ବାଧକ ସୃଷ୍ଟି ନ କରିବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଉଚିତ ।

**ଅଜିତ ପ୍ରସାଦ, ଶିକ୍ଷାବିତ୍, ଇବ୍‌ନଗର ସୁନ୍ଦରଗଡ**

### ‘ପରୀକ୍ଷା ଫଳ ପ୍ରକାଶ ପରେ ଆମେ ଖୁସି’



“ ଚଳିତବର୍ଷ କରୋନା ଯୋଗୁ ବିନା ପରୀକ୍ଷାରେ ଫଳ ପ୍ରକାଶ ପାଇଛି। ମୋ ପୁଅ ବି-୧ ଗ୍ରେଡରେ ପାସ କରିଛି। ପରୀକ୍ଷା ଫଳ ପ୍ରକାଶ ପରେ ଆମେ ଖୁସି ଅଛୁ। ହେଲେ ସବୁବର୍ଷ ପରି ବୋର୍ଡ ପରୀକ୍ଷା ହୋଇଥିଲେ ପରିଶ୍ରମ ଅନୁସାରେ ମୋ ପୁଅ ଆହୁରି ଅଧିକ ନମ୍ବର ରଖିଥାଆନ୍ତା।

**ପ୍ରକାଶ ସିଂ, ବାଲିଯୋରୀ ,ସୁନ୍ଦରଗଡ**

### ‘ଏବେ ଆମମାନଙ୍କର ନମ୍ବର କାଉଣ୍ଟ କରିବା ଭୁଲ ହେବ’



“ ଯଦିଓ ଆଉ କିଛି ଆଶା ଥିଲା, ତେବେ ସାମ୍ପ୍ରତିକ କରୋନା ପରିସ୍ଥିତିରେ ରେଜଲ୍ଟ ଭଲ ହୋଇଛି। ୫୫୨ ମାର୍କ ରଖି ଏ-୧ ଗ୍ରେଡରେ ପାସ କରିଛି। ଏବେ ଆମମାନଙ୍କର ନମ୍ବର କାଉଣ୍ଟ କରିବା ଭୁଲ ହେବ। ଆଗରୁ ୩୦ ପ୍ରତିଶତ ବାଦ ପଡିଥିବା ସିଲାବସ୍‌କୁ ଅଧ୍ୟୟନ କରି ଯୁକ୍ତ ୨ ପାଇଁ ନିଜକୁ ଗଢିତୋଳିବା ମୋର ଆଭିମୁଖ୍ୟ ହେବ। ମୋର ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ମାଆ ବାପାଙ୍କୁ ଦେଉଛି ।

**ସୁନନ୍ଦା ସାହୁ ,ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବଣାଇଁ**

### ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ଆଶୀର୍ବାଦ



“ ଏହି ପରୀକ୍ଷାଫଳ ଦୁର୍ବଳ ଛାତ୍ରୀଛାତ୍ରଙ୍କ ପାଇଁ ଆଶୀର୍ବାଦ ହୋଇଥିବା ବେଳେ ମେଧାବୀ ଛାତ୍ରୀଛାତ୍ରଙ୍କ ପାଇଁ ଅଭିଶାପ ସଦୃଶ ହୋଇଛି। ମୋଟାମୋଟି ଉପରେ କହିବାକୁ ହେଲେ କରୋନା ପାଇଁ ବିନା ପରୀକ୍ଷାରେ ରେଜଲଟ ଛାତ୍ରୀଛାତ୍ର ଅଭିଭାବକ ତଥା ଶିକ୍ଷକ ମହଲ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ।

**ରାମଚନ୍ଦ୍ର ମହାପାତ୍ର, ଶିକ୍ଷାବିତ, ଦେବଗଡ଼**

### ଆହୁରି ଅଧିକ ମାର୍କ ରଖିଥାଆନ୍ତି



“ ପରୀକ୍ଷାଫଳ ପ୍ରକାଶିତ ହେବା ପରେ ଖୁସି ଅନୁଭବ କରୁଛି । ହେଲେ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ମୁଁ ଯେଉଳି ଭାବେ ପ୍ରସ୍ତୁତ ହେଉଥିଲି ଆହୁରି ଅଧିକ ମାର୍କ ରଖିଥାଆନ୍ତି। ମୋଟ ୪୬୫ନମ୍ବର ରଖି ବି-୧ ଗ୍ରେଡରେ ପାସ କରିଛି। କରୋନା ମହାମାରୀ ଯୋଗୁ ନବମ ଶ୍ରେଣୀର ୨ଟିପେପର ପରୀକ୍ଷା ନ ହୋଇ ରହିଯାଇଥିଲା। ୧୦ମ ଶ୍ରେଣୀର ପାଠପଢା ବର୍ଷ ସାରା ହୋଇଥିଲେ ପରୀକ୍ଷା ଫଳ ଆଇଟିକେ ଭଲ ହୋଇଥାଆନ୍ତା। ଆଗକୁ କଲେଜରେ କଳା ବିଭାଗରେ ନାମ ଲେଖାଇବାକୁ ସ୍ଥିର କରିଛି ।

**ସଞ୍ଜୁ କିଷାନ, ମ୍ୟୁନିସପାଲ ହାଇସ୍କୁଲ,ସୁନ୍ଦରଗଡ**

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୬ ଜୁନ୍, ୨୦୨୧

## ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଅସହାୟଙ୍କୁ ସହାୟତା

ଲୋଇସିଂହା(ଡି.ଏନ.ଏ.): କରୋନା ମହାମାରୀ ଅନେକ ଲୋକଙ୍କୁ ଦୁର୍ଦ୍ଦିନକୁ ଠେଲି ଦେଇଛି। ଲକ୍ ଡାଉନରେ କାମଧନ୍ଦା ନ ପାଇ ଗରିବ ଅସହାୟଙ୍କ ଅବସ୍ଥା ଆହୁରି ସାଂଘାତିକ ହୋଇପଡ଼ିଛି। ଏଭଳି ସଙ୍କଟ ସମୟରେ ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ଅଞ୍ଚଳର ଅସହାୟ ବ୍ୟକ୍ତିଙ୍କୁ ଅସିମା ମହାନନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ଏଥିରେ ଟ୍ରଷ୍ଟର ଅଧକ୍ଷ ବିଜୟ ମହାନନ୍ଦ, ଜଗନ୍ନାଥ ମେଘ, ଦଶରଥ ଛତ୍ରିଆ, ଲାଲମନ ନାଗ, ଗର୍ନ୍ଧବୀ ନାଗ ପ୍ରମୁଖ ଲୋଇସିଂହା, ଦୁମଦୁମି, ବାଞ୍ଜିପାଲି ଓ ବୁର୍ଡା ଗ୍ରାମକୁ ଯାଇ ଅସହାୟ ପରିବାର ଲୋକଙ୍କୁ ଭେଟି ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ବିଶେଷ କରି ଆଦିବାସୀ ହରିଜନ ବର୍ଗର ଲୋକଙ୍କ ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ଉକ୍ତ ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି ଅଧକ୍ଷ ମହାନନ୍ଦ ପ୍ରକାଶ କରିଥିଲେ।



**ସଂକ୍ଷେପରେ**

## ନୟାଗଡ଼ରୁ ୪ ଅଭିଯୁକ୍ତ ଗିରଫ

**ଆଇନଜୀବୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା**

ବୌଦ୍ଧ,୨୫।୬(ସ୍ୱ.ପ୍ର): ଗତ ୧୮ ତାରିଖରେ ପେଟ୍ରୋଲ ପମ୍ପ ମାଲିକ ତଥା ଆଇନଜୀବୀ ନଟବର ଅଗ୍ରୱାଲାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାରେ ବୌଦ୍ଧ ପୋଲିସ ନୟାଗଡ଼ରୁ ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୟଦ ଅରବାଜ ଇସଲାମ ଓରଫ ରୋନକ(୩୦), ସିପୁନ ଭଞ୍ଜ(୨୭), ରାଜା ରଞ୍ଜନ ସତପଥି(୨୪) ଓ ଦୁତିଆ ସିଂ (୨୬)। ଏହାପୂର୍ବରୁ ଅନ୍ୟ ଜଣେ ଅଭିଯୁକ୍ତ ରଫିକ ଖାନ(୪୦)ଙ୍କୁ ଗିରଫ କରାଯାଇଥିଲା। ସମସ୍ତ ଅଭିଯୁକ୍ତ ବୌଦ୍ଧ ସହରର ବୋଲି ବୌଦ୍ଧ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଭି. ରଘୁନାଥ ରାଓ ପ୍ରକାଶ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଆଉ ଜଣେ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ତାଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଏସ୍‌ପି ରାଓ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ ଉପସ୍ଥିତ ଥିଲେ।

## ଚାଷୀଙ୍କ ଦ୍ୱାରା ଜାତୀୟ ରାଜପଥ ଅବରୋଧ

ଦେଓଗାଁ,୨୫।୬(ଡି.ଏନ.ଏ.): ଶୁକ୍ରବାର ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପ୍ୟାକ୍ସ ଅଞ୍ଚଳର ଚାଷୀମାନେ ଧାନ ବିକ୍ରି ଦାବି ନେଇ ଦେଓଗାଁ ଡାକ ବଙ୍ଗଳା ଛକ ନିକଟ ବରଗଡ଼-ବୋରିଗୁମ୍ମା ୨୬ନଂ ଜାତୀୟ ରାଜପଥକୁ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଦୀର୍ଘ ୩ ଘଣ୍ଟା ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ତହସିଲଦାର ଯୁଗଳ କିଶୋର ବିଶ୍ୱାଳ ଓ ବିଭାଗୀୟ ଏସଏଆରସିଏସ ରବୀନ୍ଦ୍ର କୁମାର ପଣ୍ଡା ,ଏଆରସିଏସ ଅନନ୍ତ କୁମାର ନାଏକ, କୁତୁର୍ଲା ପ୍ୟାକ୍ସ ସମ୍ପାଦକ ଜିତେନ୍ଦ୍ର ନାଗ ପ୍ରମୁଖ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ବୁଝାଶୁଝା କରିଥିଲେ। ଧାନ ବିକ୍ରୟ କରିବାରୁ ବଞ୍ଚିତ ୩୧ ଜଣ ଚାଷୀଙ୍କ ଧାନ କ୍ରୟ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅପରାହ୍ଣରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ସୁବର୍ଣ୍ଣପୁର ରିଂ ରୋଡ୍ ନିର୍ମାଣ କାର୍ଯ୍ୟ ବିଳମ୍ବିତ

**ଆରମ୍ଭ ହେଉନି ପୋର୍ଟାଲ ଫ୍ରେମ୍ ବ୍ରିଜ ନିର୍ମାଣ**

ସୋନପୁର,୨୫।୬(ନି.ପ୍ର.)

ସୁବର୍ଣ୍ଣପୁର ରିଂ ରୋଡ ନିର୍ମାଣ କାର୍ଯ୍ୟ ବିଳମ୍ବିତ ହେଉଛି। ପାଣ୍ଠି ଥାଇ ମଧ କାମର ଅଗ୍ରଗତି ହେଉନି। ଏହି ପ୍ରକଳ୍ପ କାର୍ଯ୍ୟ କେବେ ସରିବ, ସେ ଉତ୍ତର କାହାରି ପାଖରେ ନାହିଁ। ରିଂ ରୋଡ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ପୋର୍ଟାଲ ଫ୍ରେମ୍ ବ୍ରିଜ୍। ମିସିଂ ଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୧୨୫୦ ମିଟର ଲମ୍ବ ପୋର୍ଟାଲ ଫ୍ରେମ୍ ବ୍ରିଜ୍ ହେବାର ଯୋଜନା ଅଛି। ମହାନଦୀ ପାର୍ଶ୍ୱରେ କଂକ୍ରିଟ୍ ରିଟେନିଂ ୱାଲ୍ ନିର୍ମାଣ କରାଯିବ। ଏଥିପାଇଁ ୫୬ କୋଟି ୯ ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଛି। କିନ୍ତୁ କାମ ଆରମ୍ଭ ହୋଇ ପାରୁନି। ଗତ ଜାନୁୟାରୀ ମାସରେ ବ୍ରିଜ୍ ପାଇଁ ନିର୍ମାଣ ହେବାକୁ ଥିବା ୪୫ଟି ପିଅର ପଏଣ୍ଟରେ ମାଟି ପରୀକ୍ଷା ହୋଇଥିଲା। ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ନିର୍ମାଣ ସ୍ଥଳ


କୁମ୍ଭାରପଡାରୁ ଦଶମତିଘାଟ ପର୍ଯ୍ୟନ୍ତ ରିଂ ରୋଡ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି।

ଅନୁଧ୍ୟାନ କରି ଆହୁରି ଗଭୀରରୁ ମାଟି ପରୀକ୍ଷା ପାଇଁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ପୁଣି ପିଅର ପଏଣ୍ଟରେ ମାଟି ଖୋଳା ହେଲା। ତାପରଠାରୁ ୪ ମାସ ହେଲା କାମ ବନ୍ଦ ରହିଛି। ସୋନପୁର ବିଧାୟକ ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିଲେ ହେଁ କାର୍ଯ୍ୟ ଆରମ୍ଭ ହୋଇପାରୁନି। ଏହି ଐତିହାସିକ ପ୍ରାଚୀନ ସହରର ତିନି ପାର୍ଶ୍ୱକୁ ଘେରି ରହିଛି ମହାନଦୀ ଓ ତେଲନଦୀ। ବର୍ଷା ଋତୁରେ ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ନଦୀବନ୍ଧ ତଥା ରିଂ ରୋଡ ନିର୍ମାଣ ସକାଶେ ମହାରାଜା ବୀରମିତ୍ରୋଦୟ ସିଂହଦେବ ସଙ୍କଳ୍ପ ନେଇଥିଲେ। ଉଭୟ ନଦୀରେ ପଥର ବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର ତାହା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂ ରୋଡ ନିର୍ମାଣ ପାଇଁ ବିଧିବଦ୍ଧ ନିଷ୍ପତ୍ତି ନେଇଥିଲେ।

## ମହିଳାଙ୍କ ସମେତ ୪ ଗିରଫ



ଜବତ୍ କଫ ସିରପ୍ ସହିତ ଗିରଫ ଅଭିଯୁକ୍ତଙ୍କୁ ପୋଲିସ ହାଜର କରିଛି।

**କାର୍‌ରେ ପ୍ରେସ୍ ଲେଖି କଫ ସିରପ୍ ଚାଲାଣ**

ବରଗଡ଼ ଅଫିସ୍,୨୫।୬

କଫ ସିରପ୍ କାରବାରରେ ସମ୍ପୃକ୍ତ ୪ଜଣଙ୍କୁ ବରଗଡ଼ ଟାଉନ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୯ ନୂଆପଡ଼ାର ସରୋଜ ଭୋଇ(୨୬), ଅବଦେଶ ତ୍ରିପାଠୀ(୩୮), ରାଧାକାନ୍ତ ଭୋସାଗର(୩୫) ଓ ଜଣେ ମହିଳା। ସେମାନଙ୍କ ପାଖରୁ ୧୨୯୦ ବୋତଲ କଫ ସିରପ୍, ୨୦ ପ୍ୟାକେଟ୍ ନାଇଟ୍ରୋଶନ ଟାବଲେଟ୍, ୨ଟି କାର୍ (ନଂ.ଓଡ଼ି୦୧ଟି/୩୭୪୪ ଓ ନଂ.ଓଆର୦୨ବିଏଫ୍/୫୯୯୮), ମୋବାଇଲ, ୫ହଜାର ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା (ନଂ.୨୮୦/୨୧) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ଜବତ ଏକ କାର୍‌ରେ ପ୍ରେସ୍ ଲେଖାଯାଇଥିବା ବରଗଡ଼ ଟାଉନ ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ ଦୀପକ କୁମାର ଗୋଚ୍ଛାୟତ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ ମଧ୍ୟ ଉପସ୍ଥିତ ଥିଲେ।

## ନିର୍ମାଣାଧୀନ ଶବଦାହ କେନ୍ଦ୍ର ସ୍ଥାନାନ୍ତର ଦାବି

କେସିଙ୍ଗା, ୨୫।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିସ୍ଥିତ ଷ୍ଟାଡିୟମ ନିକଟରେ ନିର୍ମାଣାଧୀନ ଶବଦାହ କେନ୍ଦ୍ର ସ୍ଥାନାନ୍ତର ପାଇଁ ଦାବି କରାଯାଇଛି। ଶୁକ୍ରବାର ଉପଜିଲାପାଳ ସୁଶାନ୍ତ କୁମାର ସିଂ କେସିଙ୍ଗା ଏନଏସି ପରିଦର୍ଶନରେ ଆସିଥିଲେ। ଏହି ଅବସରରେ ପୂର୍ବତନ ନଗରପାଳ ରାମ କୁମାର ଜୈନ, ସରିତା ସିନ୍ଧୁର, ଭାଜପାର ଟାଉନ ସଭାପତି ପ୍ରଶାନ୍ତ ବାନାର୍ଜି ପ୍ରମୁଖ ଉପଜିଲାପାଳଙ୍କୁ ସାକ୍ଷାତ କରି ନିର୍ମାଣାଧୀନ ଶବଦାହ କେନ୍ଦ୍ର ସ୍ଥାନାନ୍ତର ଲାଗି ମୌଖିକ ଭାବେ ଦାବି ଜଣାଇଥିଲେ। ୭୫ ଲକ୍ଷ ବ୍ୟୟ ଅଟକଳରେ ଶବଦାହ କେନ୍ଦ୍ର ନିର୍ମାଣ ପାଇଁ ଜିଲାପାଳ ପିତବୁଡ଼ି ବିଭାଗକୁ ଆଦେଶ ଦେଇଛନ୍ତି। ସହରରେ ଥିବା ଏକମାତ୍ର ଷ୍ଟାଡିୟମର ପଶ୍ଚିମ ଦିଗରେ ଶବଦାହ କେନ୍ଦ୍ର ନିର୍ମାଣାଧୀନ ରହିଛି। ଶବଦାହ ପରେ ପାଉଁଶ ଭସାଇବା ପାଇଁ ପାଣିର ସୁବିଧା ନାହିଁ। ଏହି ଷ୍ଟାଡିୟମ ପାର୍ଶ୍ୱରେ ନିର୍ମାଣ ହେଲେ କ୍ରୀଡ଼ାପ୍ରେମି ତଥା ବିଭିନ୍ନ ଖେଳ ପ୍ରତିଯୋଗିତା ସମୟରେ ବାଧା ସୃଷ୍ଟି ହେବା ସମ୍ଭାବନା ରହିଛି। ଏଥିସହ ଏହା ନିକଟରେ ବିଭିନ୍ନ ସରକାରୀ ଅଫିସ ଥିବାରୁ ଅନ୍ୟତ୍ର ଶବଦାହ କେନ୍ଦ୍ର ନିର୍ମାଣ କରିବା ପାଇଁ ପୂର୍ବତନ ନଗର ଓ ଟାଉନ ସଭାପତି, ଉପଜିଲାପାଳ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ ସୁଶାନ୍ତ କୁମାର ସିଂହଙ୍କୁ ପଚାରିବାରୁ ଏ ବିଷୟରେ ଜିଲାପାଳଙ୍କ ସହିତ କଥା ହେବି ବୋଲି ପ୍ରକାଶ କରିଥିଲେ। କେସିଙ୍ଗା ଏନଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ପଚାରିବାରୁ କେସିଙ୍ଗାରେ ଶବଦାହ କେନ୍ଦ୍ର ନିର୍ମାଣ କରିବା ପାଇଁ ତେଲନଦୀ ତଟରେ ସରକାରୀ ଜମି ନାହିଁ। ଯେଉଁ ଜମି ଅଛି ତାହା ଗ୍ରାମ୍ୟ ଜଙ୍ଗଲ ଜମି ଥିବାରୁ ଅସୁବିଧା ହେଉଛି ବୋଲି କହିଥିଲେ।


ପୂର୍ବତନ ନଗରପାଳ, ଭାଜପାର ଟାଉନ ସଭାପତି ପ୍ରମୁଖ ଉପଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଭବାନୀପାଟଣା, ୨୫।୬ (ଡି.ଏନ.ଏ.)

ଭବାନୀପାଟଣା ବ୍ଲକ ପକ୍ଷରୁ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସ୍ଥାନୀୟ ମ୍ୟୁନିସିପାଲ ସରକାରୀ ହାଇସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଭବାନୀପାଟଣା ମୋ ସ୍କୁଲ ଅଭିଯାନ ଆବାହକ ତଥା ବିଇଓ ଜଗନ୍ନାଥ ପୁରୋହିତ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଏଡିଇଓ ଟେମଲାଲ ଦୁବେ, ସମ୍ମାନିତ ଅତିଥି ବିଏମ୍ ହାଇସ୍କୁଲ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପଟ୍ଟନାୟକ, ଏବିଇଓ ଠାକୁର ଚରଣ ସାହୁ ପ୍ରମୁଖ ଉଦ୍‌ବୋଧାନ ଦେଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପୂର୍ବତନ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ସିଆର୍‌ସିସି ମିନତି ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୋ ସ୍କୁଲ ଅଭିଯାନ କ୍ୟାମ୍ପେନିଂ ଟିମ୍ ସଦସ୍ୟ ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ। ଏବିଇଓ ଜୟକୁମାର ମାଝି ଧନ୍ୟବାଦ ଦେଇଥିଲେ। ଶିକ୍ଷକ ବିଶ୍ୱଜିତ ରାଏ ସହଯୋଗ କରିଥିଲେ।

## ତରଭା ଏନ୍‌ଏସି: ରାତିରେ ଭୋକରେ ରହିଲେ ୫୮ ଅସହାୟ

ତରଭା,୨୫।୬(ଡି.ଏନ.ଏ.)

କରୋନା ସମୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ତରଭା ସହରର ଅସହାୟ, ମାନସିକ ବିକୃତ, ବୃଦ୍ଧା ବୃଦ୍ଧଙ୍କୁ ରନ୍ଧା ଖାଦ୍ୟ ଯୋଗାଣର ବ୍ୟବସ୍ଥା ହୋଇଛି। ତଦନୁଯାୟୀ ତରଭା ଏନଏସି ପକ୍ଷରୁ ଗତ ୨୦ ଦିନ ହେଲା ଏହି ବର୍ଗର ୫୮ଜଣ ବ୍ୟକ୍ତିଙ୍କୁ ଦୁଇ ଓଳି ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିଲା। କିନ୍ତୁ ବୁଧବାର ହଠାତ୍ ଏହାର ବ୍ୟତିକ୍ରମ କରାଯାଇ ଦିନବେଳା ଆହାର କେନ୍ଦ୍ରରୁ ୫୦ଟି ରନ୍ଧାଖାଦ୍ୟ ପ୍ୟାକେଟ ଅଣାଯାଇ ବଣ୍ଟନ କରାଯାଇଥିଲା। ରାତିରେ କୌଣସି ପ୍ରକାର ଖାଦ୍ୟ ପ୍ରଦାନ କରା ନ ଯିବା ଯୋଗୁ ସମ୍ପୃକ୍ତ ବ୍ୟକ୍ତିମାନେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରି ଭୋକରେ ରାତି କାଟିଥିବା ପ୍ରକାଶ କରିଛନ୍ତି। କଣ ପାଇଁ ଏଭଳି ପରିସ୍ଥିତି ସୃଷ୍ଟି ହେଲା ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କିରଣ ବେହେରାଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏହାର ତଦନ୍ତ କରାଗଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ମତପ୍ରକାଶ ପାଇଛି।

# ବିନା ପରୀକ୍ଷାରେ ମାଟ୍ରିକ୍‌ଫଳ ପ୍ରକାଶିତ

## ବଲାଙ୍ଗୀର ଜିଲାର ପାଶ୍ ହାର ୯୪.୮୭ ପ୍ରତିଶତ

ବଲାଙ୍ଗୀର ଅଫିସ, ୨୫।୬

ଶୁକ୍ରବାର ଅପରାହ୍ନରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ହାଇସ୍କୁଲ ବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ମାଟ୍ରିକ୍ ପରୀକ୍ଷାରେ ବଲାଙ୍ଗୀର ଜିଲାର ୯୪.୮୭ ପ୍ରତିଶତ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେଥିରେ ଜିଲାର ୪୫ ଜଣ ଛାତ୍ରୀଛାତ୍ର ଏ ୱାନ୍ ବର୍ଗରେ ପାସ୍ କରିଥିବା ଜଣାପଡ଼ିଛି। ଚଳିତବର୍ଷ ବଲାଙ୍ଗୀର ଜିଲାରେ ୩୬୪ ହାଇସ୍କୁଲର ୨୮ ହଜାର ୨୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୬ ହଜାର ୭୯୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ୧୩,୬୧୦ ଜଣ ଛାତ୍ରୀ ଓ ୧୩୧୮୯ ଜଣ ଛାତ୍ର ରହିଛନ୍ତି।



ଚଳିତ ମାଟ୍ରିକ୍ ପରୀକ୍ଷାରେ ମୋତେ ୯୪ ପ୍ରତିଶତ (୫୬୪) ମାର୍କ ମିଳିଛି। ଯେଉଁ ଫର୍ମୁଲାରେ ପରୀକ୍ଷା ଫଳାଫଳ ଘୋଷଣା କରାଯାଇଛି ସେଥିରେ ମୁଁ ପୂରାପୁରି ସନ୍ତୁଷ୍ଟ ନୁହେଁ। କୋଭିଡ କାରଣରୁ ପରୀକ୍ଷା କରାଯାଇ ପାରିଲା ନାହିଁ। ପରୀକ୍ଷା ଦେଇଥିଲେ ନିଶ୍ଚିତ ରୂପେ ୯୭/୯୮ ପ୍ରତିଶତ ମାର୍କ ରଖିବି ବୋଲି ଆଶା କରୁଥିଲି। ତେବେ ଏହାକୁ ଗ୍ରହଣ କରିବାକୁ ପଡିବ। ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବେ କୃତକାର୍ଯ୍ୟ ହେବା ମୋର ଲକ୍ଷ୍ୟ। ଏହି ଅବସରରେ ମୋର ପିତା ଦୁଃଖୀଶ୍ୟାମ ସାହୁ, ମାଆ ନମିତା ସାହୁ, କଦମପଡା ସରସ୍ୱତୀ ଶିଶୁ ମନ୍ଦିରର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କୃତଜ୍ଞତା ଜଣାଉଛି।

**ଚିନ୍ମୟ ସାହୁ, ଛାତ୍ର, ମାଳପଡା, ବଲାଙ୍ଗୀର**



ମାଟ୍ରିକ୍ ପରେ ଋଷିକେଶ ଏବେ ଯୁକ୍ତ ୨ ବିଜ୍ଞାନ ପଢିବେ। ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ଦେଶ ସେବା କରିବା ତାଙ୍କ ଲକ୍ଷ୍ୟ ବୋଲି କହିଛନ୍ତି। ଏହି ସଫଳତାର ଶ୍ରେୟ ସେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶିକ୍ଷକ, ଗୁରୁଜନ ଓ ଅଭିଭାବକଙ୍କୁ ଦେଇଛନ୍ତି। ତାଙ୍କ ମା' ନିଳୀମା ମଞ୍ଜରୀ ଜଣେ ଗୃହିଣୀ ଓ ବାପା ସୁନିଲ କୁମାର ପଣ୍ଡା ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ କିରାଣୀ ଭାବେ କାର୍ଯ୍ୟରତ ଅଛନ୍ତି।

**ଋଷିକେଶ ପଣ୍ଡା, ସୋନପୁର ସାହାରା ଟ୍ରଷ୍ଟ ହାଇସ୍କୁଲ**

## ୨୬ତମ ସ୍ଥାନକୁ ଖସିଲା ବରଗଡ଼

ବରଗଡ଼ ଅଫିସ୍: ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାଫଳରେ ବରଗଡ଼ ଜିଲାକୁ ସଫଳତା ମିଳିପାରିନାହିଁ। ଗତବର୍ଷ ବରଗଡ଼ ଜିଲା ରାଜ୍ୟର ପ୍ରଥମ ସ୍ଥାନରେ ରହିଥିଲା। ମାତ୍ର ଏଥର ଉକ୍ତ ଜିଲା ୨୬ତମ ସ୍ଥାନକୁ ଖସିଛି। ଜିଲାର ୩୨୦ ସ୍କୁଲର ୧୯ହଜାର ୩୨୧ ଛାତ୍ରୀଛାତ୍ର ମାଟ୍ରିକ (ରେଗୁଲାର) ପରୀକ୍ଷା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୬୩ ଛାତ୍ରୀଛାତ୍ର ପରୀକ୍ଷା ଦେଇ ନ ଥିଲେ। ୧୮ହଜାର ୭୩୪ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୯୬୯୭ ଛାତ୍ରୀ ଥିବାବେଳେ ୯୦୩୭ ଛାତ୍ର ରହିଛନ୍ତି। ସେହିପରି ମାଟ୍ରିକ (ଏକ୍ସ ରେଗୁଲାର)ରେ ୧୯୭ ସ୍କୁଲର ୭୬୯ଜଣ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୪୧ଜଣ ପରୀକ୍ଷା ଦେଇ ନ ଥିଲେ। ସମୁଦାୟ ୭୦୪ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଜିଲାରେ ପାସ୍‌ହାର ୯୧.୫୫ ପ୍ରତିଶତ ରହିଛି।

## ବୌଦ୍ଧରେ ପାଶ୍‌ହାର ୯୭.୧୭ ପ୍ରତିଶତ

ବୌଦ୍ଧ,(ସ୍ୱ.ପ୍ର): ବୌଦ୍ଧ ଜିଲାରେ ୯୬.୧୭ ପ୍ରତିଶତ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ପାଶ୍ କରିଥିବା ଜଣାଯାଇଛି। ଜିଲାରେ ୭୫ଟି ସ୍କୁଲର ୭୮୬୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବାବେଳେ ୮୭ ଜଣ ବାଦ୍ ପଡିଥିଲେ। ସେଥିମଧ୍ୟରୁ ଏ-୧ରେ ୭ ଜଣ, ଏ-୨ରେ ୧୨୫ ଜଣ, ବି-୧ରେ ୩୪୭ ଜଣ, ବି-୨ରେ ୮୨୯ ଜଣ, ସି-ରେ ୧୬୯୪ ଜଣ, ଡିରେ ୨୧୭୬ ଜଣ ଓ ଇ ଗ୍ରେଡରେ ୨୩୮୫ ଜଣ ପାଶ୍ କରିଛନ୍ତି। ୨୨୪ ଜଣ ପରୀକ୍ଷାରେ ଫେଲ୍ ହୋଇଛନ୍ତି। ଜିଲାରେ ଏ-୧ ରେ ପାଶ୍ କରିଥିବା ୭ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହରଭଙ୍ଗା ବ୍ଲକ ପଲ୍ଲୀବିକାଶ ଉଚ୍ଚ ବିଦ୍ୟାଳୟର ଛାତ୍ର ମଧୁସୂଦନ ପ୍ରଧାନ ୫୫୨ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି।

## ସୁବର୍ଣ୍ଣପୁର ଜିଲା : ଆଗରେ ରହିଲେ ଛାତ୍ରୀ

ସୋନପୁର(ନି.ପ୍ର.): ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସୁବର୍ଣ୍ଣପୁର ଜିଲାର ପାଶ୍ ହାର ୯୬.୭୫% ରହିଛି। ଜିଲାର ମୋଟ ୧୨୬ଟି ଉଚ୍ଚ ବିଦ୍ୟାଳୟର ୯୦୩୫ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ୮୦ ଜଣ ଅନୁପସ୍ଥିତ ଥିଲେ। ୮୭୪୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ପ୍ରକାଶିତ ପରୀକ୍ଷା ଫଳ ଅନୁସାରେ ଜିଲାରେ ୨୨ଜଣ ଛାତ୍ରୀଛାତ୍ର ୯୦ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ପାଇଛନ୍ତି। ସେହିପରି ଏ-୨ ଗ୍ରେଡ୍ ୨୭୧ଜଣ, ବି-୧ ୬୩୬ଜଣ, ବି-୨ ୧୧୩୫ଜଣ, ସି-୧୭୧୦ଜଣ, ଡି-୨୨୨୯ଜଣ, ଇ-୨୭୩୮ଜଣ ଓ ଏଫ ଗ୍ରେଡ୍-୨୧୪ ପରୀକ୍ଷାର୍ଥୀଙ୍କୁ ମିଳିଛି। ଚଳିତ ବର୍ଷ ଝିଅମାନେ ପୁଅଙ୍କୁ ପଛରେ ପକାଇ ଦେଇଛନ୍ତି। ମୋଟ ୪୪୩୧ ଛାତ୍ରୀ ଓ ୪୩୧୦ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି।

## ୬ ହଜାର ଲିଟର ଅମ୍ଳଜାନ କାରଖାନାର ଶିଳାନ୍ୟାସ

ବୌଦ୍ଧ,୨୫।୬(ସ୍ୱ.ପ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ବୌଦ୍ଧ ଜିଲାରେ ୬ହଜାର ଲିଟର କ୍ଷମତା ବିଶିଷ୍ଟ ଅମ୍ଳଜାନ ସଂରକ୍ଷଣ ଓ ବିତରଣ ବ୍ୟବସ୍ଥାର ଶିଳାନ୍ୟାସ କରିଛନ୍ତି। ଏହା କୋଭିଡ ହସ୍ପିଟାଲ ପରିସରରେ ନିର୍ମାଣ ହେବ ବୋଲି ଜଣାଯାଇଛି। ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟଶାସନ ସଚିବ ସୁରେଶ କୁମାର ମହାପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ବୌଦ୍ଧଠାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଳାନ୍ୟାସ ଉତ୍ସବରେ ବିଧାୟକ ପ୍ରଦୀପ କୁମାର ଅମାତ, କନ୍ଧମାଳ ବିଧାୟକ ମହୀଧର ରଣା ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବୌଦ୍ଧ ଓ କନ୍ଧମାଳ ବିଧାୟକ ପାଣ୍ଠିରୁ କିଣାଯାଇଥିବା ତିନିଟି ମହାପ୍ରୟାଣ ଗାଡ଼ିର ଲୋକାର୍ପଣ ହୋଇଥିଲା।


ବୌଦ୍ଧରେ ଅମ୍ଳଜାନ କାରଖାନାର ଶିଳାନ୍ୟାସ କରାଯାଉଛି।

## ହସ୍‌ପିଟାଲ କ୍ୟାମ୍ପସ୍‌ରୁ ଜବରଦଖଲ ଉଚ୍ଛେଦ

**ଭଙ୍ଗାଗଲା ୧୦ ଘର, ୧୬ ଦୋକାନ**

ବଲାଙ୍ଗୀର ଅଫିସ,୨୫।୬

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲ କ୍ୟାମ୍ପସ ଭିତରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ବଲାଙ୍ଗୀର ମ୍ୟୁନିସିପାଲିଟି ପକ୍ଷରୁ ୧୦ଟି ଘର ଓ ହସପିଟାଲ ପାଚେରୀ କଡରେ ଗଢ଼ି ଉଠିଥିବା ୧୬ଟି ଦୋକାନକୁ ଭଙ୍ଗାଯାଇଛି। ଯେଉଁ ଅଞ୍ଚଳରୁ ଏହି ଉଚ୍ଛେଦ କରାଯାଇଛି ସେଠାରେ ଅକ୍ସିଜେନ୍ ପ୍ଲାଣ୍ଟ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଚର୍ଚ୍ଚା ହେଉଛି।

## ଆମ୍ବେଡକର ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ଦାବିପତ୍ର

ଭବାନୀପାଟଣା, ୨୫।୬ (ଡି.ଏନ.ଏ.)

ଆମ୍ବେଡକର ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ କଳାହାଣ୍ଡି ଶାଖା ପକ୍ଷରୁ ନାଗରିକ ମୌଳିକ ଆୟ ଓ ମହାମାରୀ ନିରୋଧ ଆଇନ ୨୦୦୫ ଆଧାରରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ସରକାରଙ୍କ ଉଠାଦୋକାନୀ ଏବଂ ଗରିବ ଲୋକମାନଙ୍କ ପାଇଁ ଘୋଷଣା କରାଯାଇଥିବା ଆର୍ଥିକ ସହାୟତା ତୁରନ୍ତ ପ୍ରଦାନ କରିବା ନିମନ୍ତେ ଦାବି କରାଯିବା ସହ ଲକ୍‌ଡାଉନ ସମୟରେ ପ୍ରଭାବିତ ହୋଇଥିବା ସମସ୍ତ ନାଗରିକମାନଙ୍କୁ ମାସିକ ୫୦୦୦ ଟଙ୍କା ସହାୟତା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି। କୋଭିଡ୍ ସମୟରେ ଅନେକ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପଡିଥିବାରୁ ଦିର୍ଘ ମିଆଦୀ ସୂତ୍ରରେ ଲୋକମାନଙ୍କ ଆର୍ଥିକ ସୁଧାର ଆଣିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏପିଆଇର ରାଜ୍ୟ ପ୍ରଭାରୀ ଧିମାନ ଛବିଲାଲ ନିଆଲ, ରାଷ୍ଟ୍ରୀୟ ସମ୍ପାଦକ ଯତିନ୍ଦ୍ର ସାହୁ, ଜିଲା କାର୍ଯ୍ୟକାରିଣୀ ସଦଶ୍ୟ ଦିଗାମ୍ବର ଲୁହା, ପ୍ରମୋଦ ବାଗ, ଲଳିତ ନାଗ, ଅଭିଜିତ କର ପ୍ରମୁଖ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ।

## ୧୧ ଘଣ୍ଟିଆ ବିନିକା ବନ୍ଦ ସଫଳ

**ବିନିକା କଂଗ୍ରେସ ପକ୍ଷରୁ ଧାନ ବିକ୍ରି ସମସ୍ୟାର ପ୍ରତିବାଦ**

ବିନିକା,୨୫।୬(ଡି.ଏନ୍.ଏ.)

ଧାନ ବିକ୍ରିରେ ଅବ୍ୟବସ୍ଥା ନେଇ ବିନିକା ବ୍ଲକ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରା ସଫଳ ହୋଇଛି। ଶୁକ୍ରବାର ସକାଳ ୭ଟାରୁ ସମସ୍ତ ସରକାରୀ ଓ ବେସରକାରୀ ଅଫିସଗୁଡିକରେ ପିକେଟିଂ କରି ବନ୍ଦ କରା ଯାଇଥିଲା। ବିନିକା-ସୋନପୁର-ଉଲୁଣ୍ଡା ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇଥିଲା। ଫଳରେ ସକାଳ ୭ରୁ ସନ୍ଧ୍ୟା ୬ଟା ଯାଏ ଯାତାୟାତ ଠପ୍ ହେବା ସହ ଶତାଧିକ ଯାନବାହାନ ବିନିକା ମୁଖ୍ୟ ରାସ୍ତାରେ ଅଟକି ରହିଥିଲା। ବିନିକା ତହସିଲ ଛକ, ସିଦ୍ଧାର୍ଥ ଡିଗ୍ରୀ କଲେଜ ଆଦି ମୁଖ୍ୟ ଛକରେ କଂଗ୍ରେସ କର୍ମୀମାନେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ବିନିକା ବ୍ଲକ କଂଗ୍ରେସ ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ଜିଲା କଂଗ୍ରେସ ସଭାପତି ଗୌରୀଶ୍ୟାମ ପଣ୍ଡା, ପ୍ରିୟବ୍ରତ ସାହୁ, ନରେନ୍ଦ୍ର ପଣ୍ଡା, ସୂର୍ଯ୍ୟକାନ୍ତି ବାଗ, ବାଳକୃଷ୍ଣ ଦଣ୍ଡସେନା, ସଂଗ୍ରାମ କେଶରୀ ନାୟକ, ପ୍ରଦୀପ ସେଠୀ, ଗୋବିନ୍ଦା ଝାଙ୍କର, ବିଜୟ ଭୋଇ, ଟିଙ୍କୁ ହୋତା, ଗୋପୀନାଥ ପଣ୍ଡାଙ୍କ ସମେତ କର୍ମୀମାନେ ଚାଷୀଙ୍କ ଧାନ ବିକ୍ରି ସମସ୍ୟା ନେଇ ପ୍ରତିବାଦ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ରହିଥିଲା। ତେବେ ପ୍ରଶାସନିକ ସ୍ତରର କୌଣସି ପଦାଧିକାରୀ ବିକ୍ଷୋଭ ସ୍ଥଳରେ ପହଞ୍ଚି ନ ଥିଲେ। ସମାଧାନର କୌଣସି ରାସ୍ତା ବାହାରି ନ ଥିବାରୁ ଆସନ୍ତା ସୋମବାର ବିନିକା ତହସିଲ ଅଫିସ ବନ୍ଦ କରିବା ପାଇଁ କଂଗ୍ରେସ ନିଷ୍ପତ୍ତି ନେଇଛି। ବିନିକା ଅଞ୍ଚଳର ଶତାଧିକ ଚାଷୀଙ୍କ ରବି ଋତୁ ଧାନ ବିକ୍ରି ଟୋକନ ଲ୍ୟାପ୍ସ ହେବା ଯୋଗୁ ବିକ୍ରି ହୋଇ ପାରୁନାହିଁ। ଏ ନେଇ ରାଜସ୍ୱ ବିଭାଗ ଓ ଯୋଗାଣ ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ହାରି ଗୁହାରୀ କଲେ ମଧ କୌଣସି ସୁଫଳ ମିଳିନାହିଁ।


ବନ୍ଦ ପାଳନ ଅବସରରେ କଂଗ୍ରେସ ନେତା ଓ କର୍ମୀ।

## ଜଗନ୍ନାଥ ସଂସ୍କୃତି ପୁସ୍ତକ ଉନ୍ମୋଚିତ

ଖଡ଼ିଆଳ,(ଡି.ଏନ୍.ଏ.): ନୂଆପଡା ଜିଲା ଖଡିଆଳ ବ୍ଲକ ଅନ୍ତର୍ଗତ କାସିପଲା ଗ୍ରାମ ନିବାସୀ ତଥା ଅବସରପ୍ରାପ୍ତ ଶିକ୍ଷକ ଲବନେଶ୍ୱର ବାରିକଙ୍କ ରଚିତ ଜଗନ୍ନାଥ ସଂସ୍କୃତି ପୁସ୍ତକ ଉନ୍ମୋଚିତ ହୋଇଛି । ଏହା ପୂର୍ବରୁ କବି ଲବନେଶ୍ୱର ଅନେକଗୁଡିଏ ପୁସ୍ତକ, କବିତା, ଗଳ୍ପ, ରଚନା କରି ସେ ବିଭିନ୍ନ ଅନୁଷ୍ଠାନରୁ ମାନପତ୍ର ଓ ଉପଢ଼ୌକନ ପାଇ ସମ୍ମାନିତ ହୋଇଛନ୍ତି। ତାଙ୍କ ସ୍ତ୍ରୀ ଡାଲିମ୍ବମଣୀ ବାରିକ ଓ ପୁଅ ରୁଦ୍ରମାଧବ ବାରିକ ପରିବାରର ଅନ୍ୟ ସଦସ୍ୟଙ୍କ ଉପସ୍ଥିତିରେ ପୁସ୍ତକ ଉନ୍ମୋଚନ ହୋଇଛି।



## ସଂକ୍ଷେପରେ

### ୨ ମୁଣ୍ଡ ଥିବା ବାଛୁରୀ ଜନ୍ମ



**ଛତ୍ରପୁର,୨୫।୬(ଡି.ଏନ୍.ଏ):** ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳୀପଲ୍ଲୀ ପଞ୍ଚାୟତ ବାସନାପୁଟି ଗ୍ରାମ ନିକଟ ଓଡିଆର୍‌ପି କଲୋନୀରେ ଗୁରୁବାର ୨ ମୁଣ୍ଡ ଥିବା ଏକ ବାଛୁରୀ ଜନ୍ମ ନେଇଛି। ବାଛୁରୀର ଦୁଇଟି ମୁଣ୍ଡରେ ୪ ଆଖି, ଦୁଇଟି ନାକ ଅଛି । ଏହି ଅଦ୍ଭୁତ ବାଛୁରୀକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳର ଶହ ଶହ ଲୋକଙ୍କ ଭିଡ଼ ଜମୁଛି।

### ଗ୍ରସେରି ଦୋକାନରୁ ୨ ଲକ୍ଷ ଚୋରି

**ବ୍ରହ୍ମପୁର ଅଫିସ,୨୫।୬:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର ନୂଆ ବସଷ୍ଟାଣ୍ଡ ନିକଟରେ ଥିବା ଏକ ଗ୍ରୋସରୀ (ତେଜରାତି) ଦୋକାନରୁ ଗୁରୁବାର ରାତିରେ ଟଙ୍କା ଲୁଟ ହୋଇଛି। ଲୁଟେରା ଦଳ ଦୋକାନରେ ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡ଼ା କରିବା ସହ ୨ ଲକ୍ଷ ଟଙ୍କା ଲୁଟି ନେଇଥିବା ମାଲିକ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ଲୁଟିଆ ଦଳ ନୂଆ ବସଷ୍ଟାଣ୍ଡ ରୋଡ୍ ଗଣେଶ ଟାୱାର ନିକଟରେ ଥିବା ଏକ ମଦ ଦୋକାନ କବାଟ ଡାଡି ଭିତରେ ପଶିଥିଲେ। ପରେ ମଦ ଦୋକାନକୁ ଲାଗିଥିବା ଗ୍ରୋସେରୀ ଦୋକାନ ପଛପଟ ଗ୍ରୀଲ ଭାଙ୍ଗି ଲୁଟିଥିବା ପୋଲିସ ସନ୍ଦେହ କରୁଛି। ଅଞ୍ଚଳରେ ରାତ୍ରିକାଳୀନ ପେଟ୍ରୋଲିଂ କଡାକଡ଼ି ହେଉ ନ ଥିବାରୁ ଚୋରି ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

### ହତ୍ୟା ଉଦ୍ୟମ ମାମଲା, ଅଭିଯୁକ୍ତଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୨୫।୬:** ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ)-୩ ରାଜଶ୍ରୀ ମହାପାତ୍ର ଏକ ହତ୍ୟା ଉଦ୍ୟମ ମାମଲାରେ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ହେଲେ ଭଗବାନ ସାହୁ। ଗତ ଏପ୍ରିଲ୍ ୧୬ ତାରିଖରେ ଭଗବାନ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବଡ଼ବଜାର ଥାନା ଜେମାଦେଇପେଣ୍ଠରେ ଅରୁଣ କୁମାର ସୁବୁଦ୍ଧିଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ବଡ଼ବଜାର ଥାନା ପୋଲିସ ନଂ.୮୨/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ସରକାରଙ୍କ ତରଫରୁ ଏପିପି ବିକ୍ରମ କୁମାର କୁଣ୍ଡୁ ଓ ମୁଦାଲାଙ୍କ ତରଫରୁ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

### ବ୍ରହ୍ମପୁରରେ ଖୋଲିବ ଦ୍ୱିତୀୟ ପୋକ୍‌ସୋ କୋର୍ଟ

**ବ୍ରହ୍ମପୁର ଅଫିସ,୨୫।୬:** ବ୍ରହ୍ମପୁରରେ ଦ୍ୱିତୀୟ ପୋକ୍‌ସୋ କୋର୍ଟ ଆରମ୍ଭ ହେବା ଆସନ୍ତା ୧ ତାରିଖରେ ଏହି କୋର୍ଟ ଉଦଘାଟିତ ହେବ। ପୂର୍ବରୁ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ କାର୍ଯ୍ୟକ୍ଷମ ରହିଛି। ପୋକ୍‌ସୋ ମାମଲାର ଶୀଘ୍ର ଶୁଣାଣି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଦ୍ୱିତୀୟ କୋର୍ଟ ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଏହି କୋର୍ଟରେ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଆରମ୍ଭ କରି ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ରହିବେ। ଏହି କୋର୍ଟରେ ଅବସରପ୍ରାପ୍ତ ଏଡିଜେ ଏସ୍.କେ ସାହୁଙ୍କୁ ଜଜ୍ ଭାବେ ନିଯୁକ୍ତି ଦିଆଯାଇଛି। ଆସନ୍ତା ୧ରେ ହାଇକୋର୍ଟ ମୁଖ୍ୟ ବିଚାରପତି ନୂତନ କୋର୍ଟର ଭର୍ଚୁଆଲରେ ଉଦଘାଟନ କରିବେ।

# ୯ ସ୍ପେଶାଲ ଆଇଆରବି କ୍ୟାମ୍ପ ସ୍ଥାନାନ୍ତରକୁ ବିରୋଧ

**କୁନାଗଡ, ୨୫।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଜାରିଙ୍ଗ ମେଡିକାଲ କଲେଜଠାରେ ଥିବା ନବମ ସ୍ୱତନ୍ତ୍ର ଇଣ୍ଡିଆ ରିଜର୍ଭ ବାଟାଲିୟନ (୯ ସ୍ପେଶାଲ ଆଇଆରବି) କ୍ୟାମ୍ପ ଅନ୍ୟ ଜିଲାକୁ ସ୍ଥାନାନ୍ତର ହେବ ବୋଲି ଜଣାପଡ଼ିଛି। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି । ସରକାର କ୍ୟାମ୍ପକୁ ନ ଉଠାଇ ପୁନଶ୍ଚ ଚାଲୁ ରଖିବା ପାଇଁ ସ୍ଥାନୀୟ ଅଞ୍ଚଳ ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟା ତଥା ବିଭିନ୍ନ ସଙ୍ଗଠନ ସଦସ୍ୟ ଦାବି କରିଛନ୍ତି। ଏ ନେଇ ଶୁକ୍ରବାର ସେମାନେ କଳାହାଣ୍ଡି ଏସ୍‌ପିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ରାୟଗଡାଠାରୁ କଳାହାଣ୍ଡି ଜିଲା କର୍ଲାପାଟ, ଜାରିଙ୍ଗ ଜଙ୍ଗଲଠାରୁ ଚୋରାପାହାଡ, ନାଗେଷ୍ଟ ଜଙ୍ଗଲଠାରୁ ଛତିଶଗଡ ପର୍ଯ୍ୟନ୍ତ ମାଓବାଦୀଙ୍କ ଚଳପ୍ରଚଳ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜାରିଙ୍ଗଠାରେ ୯ ସ୍ପେଶାଲ ଆଇଆରବି କ୍ୟାମ୍ପ କରିଥିଲେ। ପୂର୍ବରୁ



ଏସପିଙ୍କୁ ଦାବିପତ୍ର ଦିଆଯାଉଛି।

ଜିଲାର ଚୋରାପାହାଡ, ଯୁଗସାଏପାଟଣା, କର୍ଲାପାଟ, ଲାଞ୍ଜିଗଡ ଓ ଏମ.ରାମପୁରରେ ମାଓବାଦୀ ଏନକାଉଣ୍ଟର କରିଥିଲେ। ୯ ସ୍ପେଶାଲ ଆଇଆରବି କ୍ୟାମ୍ପ ହେବା ପରେ ଏହି ଅଞ୍ଚଳରେ ମାଓବାଦୀ କାର୍ଯ୍ୟାକଳାପ ଅନେକ ମାତ୍ରରେ କମି ଯାଇଥିଲା। ସେହିପରି ଭବାନୀପାଟଣା–ଜୁନାଗଡ ମଧ୍ୟରେ ୨୬ ନଂ. ଜାତୀୟ ଜାତୀୟ କଡରେ ଜାରିଙ୍ଗ ଜଙ୍ଗଲ ରହିଥିବାରୁ ବିଭିନ୍ନ ସମୟରେ ଚୋରି, ଡକାୟତି, ବଳାତ୍କାର ତଥା ଅସାମାଜିକ କାର୍ଯ୍ୟକଳାପ ଘଟୁଥିଲା। ଏହି କ୍ୟାମ୍ପ ହେବା ପରେ ଅସାମାଜିକ କାର୍ଯ୍ୟଗୁଡିକ ନ ଘଟିବାରୁ ସ୍ଥାନୀୟ ଲୋକେ ନିରାପଦରେ ଯାତାୟାତ କରିପାରୁଥିଲେ। ଏଥିମଧ୍ୟରେ ଜାରିଙ୍ଗଠାରେ ସରକାର ୫୦ ରୁ ୬୦ ଏକର ସ୍ଥାନରେ ୯ ସ୍ପେଶାଲ ଆଇଆରବି କ୍ୟାମ୍ପ ପାଇଁ ମାଷ୍ଟର ପ୍ଲାନା

**ଏସ୍‌ପିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ମଧ୍ୟ କରିଛନ୍ତି। ଏହା ସ୍ଥାନାନ୍ତର ହେବା ଦ୍ୱାରା କଳାହାଣ୍ଡିର ଜିଲାର ଏକ ବଡ କ୍ଷତି ହେବ। ଏହାକୁ ନ ଉଠାଇ ପୁନଶ୍ଚ ଚାଲୁ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରେ ଲୋକ ପ୍ରତିନିଧି ତଥା ବିଭିନ୍ନ ସଙ୍ଗଠନ ସଦସ୍ୟ ନିବେଦନ କରିଛନ୍ତି। ଦାବିପତ୍ର ଦେବା ସମୟରେ ତଳଜାରିଙ୍ଗ ସରପଞ୍ଚ କୁଞ୍ଜ ବିହାରୀ ପ୍ରଧାନ, କେନ୍ଦୁପାଟି ସରପଞ୍ଚ ରେବତୀ ବାଗ, ନାନ୍ଦୋଲ ସରପଞ୍ଚ ମମତା କର, ବକ୍ସିତୁଲସୀପାଲି ସରପଞ୍ଚ ଗଗନ ବିହାରୀ ପ୍ରଧାନୀ, ଜିଲା ପରିଷଦ ସଭ୍ୟା କାଞ୍ଚନ ବାଗ, ଚାରଭାଟି ସରପଞ୍ଚ ଲୋକେଶ୍ୱର ପାତ୍ର, କେନ୍ଦୁପାଟି ସମିତି ସଭ୍ୟା ସଙ୍ଗୀତା ବିଶ୍ୱାଳ, ଏଓଏସସିଏଫ୍ ସାଧାରଣ ସମ୍ପାଦକ ଜତିନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ। ଦାବିପତ୍ରର ଏକ ନକଲ ଗୃହ ବିଭାଗ ସଚିବ, ଡିଜିପି, କଳାହାଣ୍ଡି ଜିଲାପାଳ, ଏସ୍‌ପିଙ୍କୁ ପ୍ରଦାନ କରାଯାଇଛି।

# କରୋନା ସଚେତନତା ଶୋଭାଯାତ୍ରା




ସଚେତନତା ଶୋଭାଯାତ୍ରା ବାହାରିଛି।

**ପାଇକମାଳ,୨୫।୬ (ଡି.ଏନ୍.ଏ)**

ବରଗଡ ଜିଲା ପାଇକମାଳ ବ୍ଲକ ଅଧୀନ ବୁକୁରାମୁଣ୍ଡା ସ୍ୱାସ୍ଥ୍ୟ ଉପକେନ୍ଦ୍ରର ମହିଳା ସ୍ୱାସ୍ଥ୍ୟକର୍ମୀ କବିତାଞ୍ଜଳି ଦାଶଙ୍କ ତତ୍ତ୍ୱାବଧାନରେ ଲହଙ୍ଗୀର ଗାଁ କଲ୍ୟାଣ ସମିତି ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ ପ୍ରୋଗ୍ରାମିଂ ଅଫିସର ରେବତୀମୋହନ ଜେନା, ପିଏଚ୍‌ଇଓ ତୁଷକୁମାର ଚନ୍ଦ୍ରକାର ଏବଂ ସୁରଥ କୁମାର ସାହୁ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ପରେ ଗାଁ କଲ୍ୟାଣ ସମିତିର ସଭ୍ୟାସଭ୍ୟ, ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲା। ଶେଷରେ ଆଶାକର୍ମୀ ବିଳାସିନୀ ପାତ୍ର ହାତଧୁଆର ବିଭିନ୍ନ ପଦ୍ଧତି ପ୍ରଦର୍ଶନ କରିଥିଲେ। ଏହାସହିତ ସରକାରଙ୍କ ପକ୍ଷରୁ ଦିଆଯାଉଥିବା କରୋନା ପ୍ରତିଷେଧକ ଟିକା ସମସ୍ତେ ନେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଶେଷରେ ମାସ୍କ ବଣ୍ଟନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ଅଁଏଲାବତୀ ପ୍ରଧାନ, ଧରିତ୍ରୀଦେବୀ ସାହୁ, ସହାୟିକା ସବିତା ବାରିକ, ଯମୁନା ବାଗ ପ୍ରମୁଖ ସହଯୋଗ କରିଥିଲେ।

# ଫି' ନ ଦେବାରୁ ଛାତ୍ରୀଛାତ୍ରଙ୍କୁ ଡ୍ରପ୍‌ଆଉଟ କରିବା ଅଭିଯୋଗ

**କୋକସରା, ୨୫।୬ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେରଠାରେ ଥିବା ଇ.ଏଲ.ମଣି ମିଶନ ଇଂଲିଶ ମିଡିୟମ ସ୍କୁଲରେ ପୁନ ନାମଲେଖା ଫି' ପୈଠ ନ କରିବାରୁ ଛାତ୍ରୀଛାତ୍ରଙ୍କୁ ଡ୍ରପ୍‌ଆଉଟ କରାଯାଇଥିବା ଅଭିଯୋଗ ହୋଇଛି। ସପ୍ତମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହୋଇ ଅଷ୍ଟମ ଶ୍ରେଣୀର ଆଡମିଶନ ଫି' ଦେଇ ନ ପାରିବାରୁ କିଛି ପିଲାଙ୍କୁ ଅଷ୍ଟମ ଶ୍ରେଣୀରେ ଆଡମିଶନ କରାଯାଇ ନ ଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଭାବକ ସ୍କୁଲ ଲିଭିଂ ସାର୍ଟିଫିକେଟ ନେବାକୁ ଆସିବା ପରେ ତାଙ୍କ ପିଲାଙ୍କୁ ଫି ନ ଦେବାରୁ ସ୍କୁଲ କର୍ତ୍ତୃପକ୍ଷ ଡ୍ରପ ଆଉଟ କରିଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ଅଭିଭାବକମାନେ କୋକସରା ବିଇଓଙ୍କୁ ଲିଖିତ ଅଭିଯୋଗ କରିବା ସହ ଡ୍ରପଆଉଟ ପିଲାଙ୍କୁ ପୁନଃ ଉତ୍ତୀର୍ଣ୍ଣ କରିବାକୁ ଅନୁରୋଧ କରିଛନ୍ତି ଶୁକ୍ରବାର ଏ ନେଇ ସ୍କୁଲ ପରିସରରେ ଅଭିଭାବକ, ସ୍କୁଲ କର୍ତ୍ତୃପକ୍ଷ ଓ ବ୍ଲକ



ବିଇଓଙ୍କ ଉପସ୍ଥିତିରେ ଅଭିଭାବକ ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ବୈଠକ।

ଶିକ୍ଷା ବିଭାଗ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅଭିଭାବକମାନେ ସ୍କୁଲରେ ମେନେଜମେଣ୍ଟ କମିଟି ନ ଥିବା ପିଟିଏ ବୈଠକ ନ କରିବା, ଫି ବୃଦ୍ଧି ଓ ଡ୍ରପଆଉଟ କରାଯାଇଥିବା ପିଲାଙ୍କୁ ପାସ କରାଇ ସ୍କୁଲ ଲିଭିଂ ସାର୍ଟିଫିକେଟ ଦେବାକୁ ଦାବି କରିଥିଲେ। ପ୍ରିନ୍ସିପାଲ ଓ ଏବିଇଓଙ୍କ ସହ ଆଲୋଚନା କରି ଡ୍ରପଆଉଟ ପିଲାଙ୍କୁ ସାର୍ଟିଫିକେଟ ଦେବା ସହ ଏକ ମାସ ମଧ୍ୟରେ ସ୍କୁଲ ମେନେଜମେଣ୍ଟ କମିଟି ଗଠନ କରିବା ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଏ ନେଇ କୋକସରା ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ଅଭିଭାବକଙ୍କ ସମସ୍ତ ଅଭିଯୋଗ ଉପରେ ଆଲୋଚନା କରାଯାଇଛି। ସ୍କୁଲ କମିଟି ନ ଥିବା ଯୋଗୁ ସମସ୍ୟା ଦେଖାଦେଇଛି। ଆଲୋଚନା ପରେ ସମସ୍ତ ସମସ୍ୟା ସମାଧାନ ହୋଇଛି ବୋଲି କହିଛନ୍ତି। ଏ ନେଇ ପ୍ରିନ୍ସିପାଲଙ୍କୁ ପଚାରିବାରୁ ସ୍କୁଲ ପକ୍ଷରୁ ଅଭିଭାବକଙ୍କୁ ଆଡ଼ମିଶନ ଫି' ବାନ୍ଧିବା ସଂପର୍କରେ ଅନେକ ଥର ନୋଟିସ୍ ପଠାଯିବା ପରେ ମଧ୍ୟ ପୈଠ ନ କରିବାରୁ ଏପରି ସମସ୍ୟା ଦେଖାଦେଇଥିଲା। ବର୍ତ୍ତମାନ ଅଭିଭାବକଙ୍କ ଆଲୋଚନା ପରେ ସମାଧାନ ହୋଇଥିବା ସେ କହିଛନ୍ତି।

## ଧର୍ମାନୁଷ୍ଠାନ ଖୋଲିବା ଦାବି ନେଇ ସ୍ମାରକପତ୍ର

**ବ୍ରହ୍ମପୁର ଅଫିସ୍,୨୫।୬**

ବିଭିନ୍ନ ଧର୍ମାନୁଷ୍ଠାନ ଖୋଲିବା ଦାବି ନେଇ ଶୁକ୍ରବାର ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି)ଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦ୍ୱିତୀୟ ଲହରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ରାଜ୍ୟରେ ଲକ୍‌ଡାଉନ୍ କଟକଣା କେତେକାଂଶରେ କୋହଳ କରାଯାଇଛି। କରୋନା ପ୍ରକୋପ କମୁଥିବାରୁ ଅନ୍ୟ ରାଜ୍ୟଗୁଡିକରେ ଧର୍ମାନୁଷ୍ଠାନ ଖୋଲିଥିବା ବେଳେ ଓଡ଼ିଶାରେ ଅନୁମତି ମିଳିନାହିଁ। ଏହାଦ୍ୱାରା ବହୁମନ୍ଦିର ସେବାୟତଙ୍କ ପରିବାର ପ୍ରତିପୋଷଣରେ ସମସ୍ୟା ଦେଖାଦେଇଛି। ତେଣୁ ଓଡ଼ିଶାରେ ଧର୍ମାନୁଷ୍ଠାନ ଯିବାକୁ ଥିବା ବ୍ୟକ୍ତି ବିଶେଷଙ୍କ କ୍ଷେତ୍ରରେ ଟିକାକରଣକୁ ବାଧ୍ୟତାମୂଳକ କରାଯାଇ ଖୋଲିବାକୁ ଅନୁମତି ଦେବାକୁ ସଂଘ ଦାବି କରିଛି। ବିଶେଷ କରି ପର୍ବପର୍ବାଣୀରେ ଧର୍ମାନୁଷ୍ଠାନ ଯିବା ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ପାସ୍ ବ୍ୟବସ୍ଥା କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସ୍ମାରକପତ୍ର ପ୍ରଦାନ ବେଳେ ରାମ କୁମାର ପାତ୍ର, କିରଣ କୁମାର ସାହୁ, ଜଗଦୀଶ ପ୍ରଧାନ, କେ.ରବି ରାଓଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନିଜ ଉଦ୍ୟମରେ ରାସ୍ତା ନିର୍ମାଣ କଲେ ସାମାଜିକ କର୍ମୀ



ସାମାଜିକ କର୍ମୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ରାସ୍ତା।

**ଖଡିଆଳ, ୨୫।୬ (ଡି.ଏନ୍.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଖୁଦପେଜ ଗ୍ରାମପଞ୍ଚାୟତ ଚଳାନପଡା ପାଖରେ ଏକ ସର୍ବସାଧାରଣ (ତୋହଲା) ରାସ୍ତା ପାଖରେ ଘର କରି ରହୁଛନ୍ତି ୪ରୁ ୫ ପରିବାର। ଏହି ରାସ୍ତା ଦେଇ ଅନେକ ଚାଷୀ ଚାଷ ଜମିକୁ ହଳ କରିବାକୁ ଯାଇଥାନ୍ତି। ହେଲେ ଜମି ବାଡି ଡେଇଁ ସେମାନଙ୍କ ଯିବା ଆସିବା କରିବାକୁ ପଡିଥାଏ। ବର୍ଷା ଋତୁରେ ଏହି ରାସ୍ତାରେ ପାଣି ଭରି ଯାଉଥିବାରୁ ଯାତାୟାତରେ ଅନେକ ସମସ୍ୟା ଭୋଗିବାକୁ ପଡିଥାଏ। ଏ ସମ୍ପର୍କରେ ଲୋକେ ପ୍ରଶାସନକୁ ବାରମ୍ବାର ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରି ନ ଥିଲା । ଏ ନେଇ ସାମାଜିକ କର୍ମୀ ରାଜକପୁର ବାରିକ ନିଜ ଉଦ୍ୟମରେ ୩୦ ଟ୍ରିପ ମୋରମ ପକାଇ ରାସ୍ତା ନିର୍ମାଣ କରିଛନ୍ତି। ଫଳରେ ପଡାବାସୀ ଯାତାୟାତ କରିପାରୁଛନ୍ତି। ତାଙ୍କର ଏପରି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

# ବଂଶୀଙ୍କ ପାଖରେ ପହଞ୍ଚିଲା ପ୍ରଶାସନ

**ଖପ୍ରାଖୋଲ,୨୫।୬(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁର ବଂଶୀ ପରାଭୁଏ(୪୫)ଙ୍କ ନିକଟରେ ଶୁକ୍ରବାର ପ୍ରଶାସନ ପହଞ୍ଚିଛି। ଧରିତ୍ରୀରେ 'ଭଙ୍ଗାଘରେ ବିତୁଛି ଜୀବନ'ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଖପ୍ରାଖୋଲ ବିଡିଓ ପ୍ରଭାତ କୁମାର ସାହୁ ବଂଶୀଙ୍କ ପଲିଥିନ ଟଣା ଘରକୁ ଯାଇ ତାଙ୍କ ସମସ୍ୟା ପଚାରି ବୁଝିଥିଲେ । ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ସହ ଭତ୍ତା ଏବଂ ଅଜଣା ରୋଗର ଚିକିତ୍ସା ପାଇଁ ଆବଶ୍ୟକ ସହାୟତା ଦେବା ଲାଗି ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ସେହିପରି ଗସ୍ତ ସମୟରେ ଅନ୍ୟ ଜଣେ ଅସହାୟ ମହିଳା ଉର୍ମିଳା ପାଇକଙ୍କ ସମସ୍ୟା ପଚାରି ବୁଝିବା ସହ ତାଙ୍କୁ ଭତ୍ତା ଓ ଘର ଯୋଗାଇ ଦେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ବିଡିଓ ସାହୁଙ୍କୁ ପଚାରିବାରେ ସରକାରୀ ନିୟମ ଅନୁସାରେ ସହାୟତା ଦିଆଯିବ ବୋଲି କହିଥିଲେ ।



ଖପ୍ରାଖୋଲ ବିଡିଓ ବଂଶୀଙ୍କ ସହ ଆଲୋଚନା କରୁଛନ୍ତି।

## ଯୁବକଙ୍କୁ ହତ୍ୟା ଘଟଣା, ଅଭିଯୁକ୍ତ ଜେଲ ଗଲେ

**ଦିଗପହଣ୍ଡି,୨୫।୬(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ଗୁରୁବାର ରାତରେ ସନ୍ତୋଷ ସେଠୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଶୁକ୍ରବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଭୀଷ୍ମଗିରି ଗ୍ରାମ ଦଣ୍ଡାସି ସାହିର ରାମ ନାଇକ। ମାମଲା ନଂ.୧୫୯/୨୧ଅନୁଯାୟୀ ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ଗୁରୁବାର ରାତିରେ ଗ୍ରାମର ବଳରାମ ନଗର ବାସିନ୍ଦା ସନ୍ତୋଷ କୌଣସି କାମରେ ଦଣ୍ଡାସି ସାହିରେ ରହୁଥିବା ତାଙ୍କ ସାଙ୍ଗ ଘରକୁ ଯାଇଥିଲେ। ରାମ ତାଙ୍କୁ ରାସ୍ତାରେ ଅଟକାଇ ଆମ ସାହିକୁ ତୁ କାହିଁକି ଆସିଛୁ କହିବାରୁ ଉଭୟଙ୍କ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ଏଥିରେ ରାମ ରାଗିଯାଇ ଘରୁ ଏକ କାତି ଆଣି ସାହି ରାସ୍ତାରେ ସନ୍ତୋଷଙ୍କୁ ଗୋଡ଼ାଇ ହାଣିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ବାଳିକା ଆତ୍ମସୁରକ୍ଷା ତାଲିମ ଶିବିର




ଜଣେ ବାଳିକାଙ୍କୁ ମାନପତ୍ର ପ୍ରଦାନ କରାଯାଉଛି।

**ନୂଆପଡ଼ା ଅଫିସ,୨୫।୬**

ନୂଆପଡା ଜିଲା ଆଦିବାସୀ ଗଣ୍ଡୱାନା ସମାଜ ପକ୍ଷରୁ ବିରଙ୍ଗନା ରାଣୀ ଦୁର୍ଗାବତି ବଳିଦାନ ଦିବସ ଅବସରରେ ଶୁକ୍ରବାର ମହିଳା ଓ ବାଳିକାଙ୍କ ନିଜ ସୁରକ୍ଷା ନିଜେ କରିବା ନେଇ ଏକ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆପଡା ଜିଲା ସଦର ବ୍ଲକ ପତୋରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକାମାନେ ଉତ୍ସାହର ସହିତ ଅଂଶ ଗ୍ରହଣ କରି ଆତ୍ମ ସୁରକ୍ଷା କରିବା ବିଭିନ୍ନ ଉପାୟ ଓ କୌଶଳ ତାଲିମ ନେଇଛନ୍ତି। ଶିବିରରେ ଅଂଶ ଗ୍ରହଣ କରିଥିବା ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ଦୁଇ ପୁଅଙ୍କୁ ନେଇ ରେଲ୍‌ୱେ ଜାଗାରେ ବୃଦ୍ଧାଙ୍କ ଆଶ୍ରୟ

**ଲାଠୋର,୨୫।୬(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ବିଧବା ବୃଦ୍ଧା ବିଜଳି ଶବର (୭୦)। ସେ ଜାଗାବାଡି ତଥା ବାସଗୃହ ଅଭାବ ହେତୁ ଦୁଇ ପୁଅଙ୍କୁ ନେଇ ରେଲୱେ ଜାଗାରେ ଘର ଗୋଟିଏ ବଖରା କରି ଆଶ୍ରୟ ନେଇଥିଲେ ମଧ୍ୟ ତାଙ୍କ ଉପରେ ପ୍ରଶାସନର ନଜର ପଡୁ ନ ଥିବା ଅଭିଯୋଗ କରିଛନ୍ତି।



ରେଲୱେ ଜାଗାରେ ଆଶ୍ରୟ ନେଇଥିବା ବୃଦ୍ଧାଙ୍କ ପରିବାର।

ସୂଚନା ଅନୁସାରେ, ବିଜଳିଙ୍କ ପରିବାର କହିଲେ ତିନି ପୁଅ ଜୟକୃଷ୍ଣ, ବଳରାମ ଓ ହରି। ୨୫ ବର୍ଷ ତଳେ ସ୍ୱାମୀ ଡିବିଙ୍କ ମୃତ୍ୟୁ ପରେ ବିଜଳି ଏବେ ଦୁଇ ପୁଅଙ୍କୁ ନେଇ ରହୁଛନ୍ତି। ସମ୍ପତି ବାଡି କିଛି ନ ଥିବା ଯୋଗୁ ରେଲୱେ ଜାଗାରେ ଘର କରି ସେମାନେ ଆଶ୍ରୟ ନେଇଛନ୍ତି। ଦୁଇ ପୁଅ ହେମାଲି କାମ କରି ଯାହା ରୋଜଗାର କରୁଛନ୍ତି ତଥା ପଞ୍ଚାୟତରୁ ପାଉଥିବା ଚାଉଳରେ ପରିବାର ଚଳୁଛି। ଏଭଳି ସ୍ଥିତିରେ ଭଲ ଘର ଖଣ୍ଡିଏ କରି ବାସ କରିବା ଏହି ପରିବାର ପକ୍ଷେ ସମ୍ଭବପର ହୋଇ ପାରୁ ନାହିଁ। ଏଥିପାଇଁ ସେ ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# କେନ୍ଦୁପତ୍ର ତୋଳାଳିଙ୍କୁ ପ୍ରାପ୍ୟ ପ୍ରଦାନ ପାଇଁ ଦାବିପତ୍ର

**ନୂଆପଡ଼ା ଅଫିସ,୨୫।୬**

ଚଳିତବର୍ଷ ଟାଣଖରାକୁ ଖାତିର ନ କରି କେନ୍ଦୁପତ୍ର ତୋଳିଥିବା ଶ୍ରମିକମାନଙ୍କୁ ଆଜି ଯାଏଁ ସେମାନଙ୍କ ପାରିଶ୍ରମିକ ମିଳିନାହିଁ। ଏହାକୁ ନେଇ ତୋଳାଳିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଶୁକ୍ରବାର ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଖଡିଆଳ ଡିଭିଜନ ସମ୍ପାଦକ ଯଦୁମଣି ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲାର ୪୦ ହଜାର କେନ୍ଦୁପତ୍ର ତୋଳାଳିଙ୍କ ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବାକୁ ଖଡିଆଳ କେନ୍ଦୁପତ୍ର ଡିଭିଜନ ଡିଏଫଓ ପ୍ରଦୀପ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ଗୋଟିଏ



ଖଡିଆଳ କେନ୍ଦୁପତ୍ର ଡିଭିଜନ ଡିଏଫଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସପ୍ତାହ ମଧ୍ୟରେ ତୋଳାଳି ଓ ସିଜିନାଲ କର୍ମଚାରୀଙ୍କ ପ୍ରାପ୍ୟ ପ୍ରଦାନ ସହ ଦାବିଗୁଡିକ ପୂରଣ ନ ହେଲେ ଆସନ୍ତା ୩୦ ତାରିଖରୁ ଡିଭିଜନ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟକାଳ ପାଇଁ ଗଣଧାରଣା, ପରବର୍ତ୍ତି ସମୟରେ ସମସ୍ତ ରେଞ୍ଜ କାର୍ଯ୍ୟାଳୟ ଘେରାଉ କରି ଅଚଳ କରି ଦିଆଯିବ ବୋଲି ପାଣିଗ୍ରାହୀ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଗତ ୧ ତାରଖରେ ଡିଏଫଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଚିଫ୍ କଞ୍ଜରଭେଟର ଅଫ୍ ଫରେଷ୍ଟ (ସିସିଏଫ୍)ଙ୍କୁ ଦାବିପତ୍ର ଦେବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ତଥାପି କୌଣସି ସୁଫଳ ମିଳି ନ ଥିବାରୁ ବାଧ୍ୟ ହୋଇ ସଂଘ ଏହି ନିଷ୍ପତ୍ତି ନେଉଛି ବୋଲି ଡିଭିଜନ ସମ୍ପାଦକ ପାଣିଗ୍ରାହୀ ସୂଚନା ଦେଇଛନ୍ତି।